ପ୍ରଜାମଣ୍ଡଳ ନେତା

ବ୍ରଜ କିଶୋର ଧଳ

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର
ଓଡ଼ିଶା, ଭୁବନେଶ୍ୱର

Digitized by srujanika@gmail.com

ପ୍ରଜାମଣ୍ଡଳ ନେତା

ବ୍ରଜକିଶୋର ଧଳ

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା
ଭୁବନେଶ୍ୱର

Digitized by srujanika@gmail.com

ପ୍ରଜାମଣ୍ଡଳ ନେତା ବ୍ରଜକିଶୋର ଧଳ

ଲେଖକ : ଶ୍ରୀ ସମର ବିଳାସ ପଟ୍ଟନାୟକ
ଦ୍ୱିତୀୟ ମୁଦ୍ରଣ ୨୦୦୦
ନୂତନ ମୁଦ୍ରଣ ୨୦୦୧
ପ୍ରକାଶକ : ନିର୍ଦ୍ଦେଶକ,
ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା
ଜନଶିକ୍ଷା ଭବନ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧
ପ୍ରକାଶନ ସଂଖ୍ୟା : ଏସ୍. ଆର୍. ସି - ୨୭୪-୭୫/୯୮-୯୯
ମୁଦ୍ରଣ ସଂଖ୍ୟା ୨,୦୦୦
ମୁଦ୍ରଣ ପ୍ରେସ ପଞ୍ଚମୁଖୀ, ଇଣ୍ଡଷ୍ଟ୍ରିଆଲ ଏଷ୍ଟେଟ, ଭୁବନେଶ୍ୱର-୧୫
ଭୁବନେଶ୍ୱର - ୭୫୧୦୨୩
ମୂଲ୍ୟ ପାଞ୍ଚ ଟଙ୍କା ମାତ୍ର

PRAJAMANDAL NETA BRAJA KISHORE DHALA

Author Shri Samar Bilas Pattnaik
2nd Edition : 2000
New Edition : 2001
Published by : Director,
State Resource Centre for Adult Education, Orissa
Janasiksha Bhawan, Unit- V,
Bhubaneswar - 751001
Publication No. : SRC - 274-75/ 98-99
No of copies printed 2,000
Printed at Press Panchamukhi, I.D.Market,
Bhubaneswar-15
Price Rupees Five only

Digitized by srujanika@gmail.com

୧୯୩୮ ମସିହାର କଥା ।

ଘନ ଘୋର ଜଙ୍ଗଲ ଭିତରେ ଢେଙ୍କାନାଳ ଜିଲ୍ଲାର ସପ୍ତଶଯ୍ୟା ପାହାଡ଼ । ସେହି ଜଙ୍ଗଲ ଭିତରେ, ପାହାଡ଼ ପାଖରେ ଗୋଟିଏ ମଠ ଥାଏ । ସଂସାର ତ୍ୟାଗୀ ସାଧୁବାବାମାନେ ଏଇ ମଠରେ ବସବାସ କରନ୍ତି ।

ଦିନେ ରାତିରେ ଖୁବ୍ ବର୍ଷା ହେଉଥାଏ । ସେଇ ବର୍ଷା ଭିଜା ରାତିରେ ମଠ ପାଖରେ ଥିବା ଗୋଟିଏ ଶାଳ ଗଛ ଉପରେ ଆଶ୍ରୟ ନେଇ ଥାଆନ୍ତି ଜଣେ ଯୁବକ । ତାଙ୍କୁ ଧରିବା ପାଇଁ ଢେଙ୍କାନାଳ ରାଜାଙ୍କ ପୋଲିସ୍ ଜଙ୍ଗଲ ସାରା ଖୋଜି ବୁଲୁ ଥାଆନ୍ତି । ଖୋଜି ଖୋଜି ସେମାନେ ସେଇ ଶାଳଗଛ ପାଖରେ ପହଞ୍ଚିଲେ । କିନ୍ତୁ ମେଘ ଅନ୍ଧାରରେ ଗଛ ଡାଳରେ ଲୁଚି ବସିଥିବା ଯୁବକଙ୍କୁ ସେମାନେ ଦେଖିପାରିଲେ ନାହିଁ । ମଠ ଭିତର ବାହାର ଚାରିଆଡ଼ ଖୋଜି ସେମାନେ ନିରାଶ ହେଲେ । ଯୁବକଙ୍କୁ ଧରି ନ ପାରି, ସେମାନେ ହତାଶାରେ ଜଙ୍ଗଲର ଚାରିଆଡ଼କୁ ଫାଙ୍କା ଗୁଳି ଚଳାଇଲେ ।

ଯୁବକଟିର କାନ ପାଖ ଦେଇ ଗୋଟିଏ ଗୁଳି ଚାଲିଗଲା । ତାଙ୍କ କାନ ମୁଣ୍ଡାରେ ଗୁଳି ବାଜିଲା ନାହିଁ ସତ୍ୟ, ହେଲେ ତା'ର ଆବାଜରେ ତାଙ୍କ କାନ ତାବଦା ହୋଇଯାଇଥିଲା । ପୋଲିସ୍ ଫଉଜ ଚାଲିଗଲା ପରେ ମଧ ଧରା ପଡ଼ିବା ଭୟରେ ସେଇ ଯୁବକ ଗଛ ଉପରେ ବସି ରହିଥିଲେ । ଗଛରୁ ଓହ୍ଲାଇ ମଠ ଭିତରକୁ ଯିବା ପାଇଁ ତାଙ୍କର ସାହସ

Digitized by srujanika@gmail.com

ହୋଇନଥିଲା । ନିଦରେ ଆଖି ମାଡ଼ି ହୋଇ ଆସୁଥିଲେ ମଧ୍ୟ ପଡ଼ିଯିବା ଭୟରେ ସେ ସାରା ରାତି ଅନିଦ୍ରା ଥିଲେ । ମଶା ତାଆଁଙ୍କ କାମୁଡ଼ାରେ ତାଙ୍କ ହାତ, ଗୋଡ଼, ମୁହଁ ଫୁଲି ଯାଇଥିଲା ।

ରାଜାଙ୍କ ପୋଲିସ୍ ପାଖରେ ଧରା ନ ଦେବା ପାଇଁ ଯେଉଁ ଯୁବକ ଜଣକ ସାରା ରାତି ଶାଳଗଛ ଉପରେ ଲୁଚି ରହିଥିଲେ, ତାଙ୍କ ନାମ ହେଉଛି ବ୍ରଜ କିଶୋର ଧଳ । ସେ ଥିଲେ ଗଡ଼ଜାତ ପ୍ରଜାମଣ୍ଡଳର ନେତା । ଢେଙ୍କାନାଳ ରାଜାଙ୍କ ଅମାନୁଷିକ ଅତ୍ୟାଚାର ବିରୁଦ୍ଧରେ ସେ ଲୋକଙ୍କୁ ମତାଇ ଆନ୍ଦୋଳନ କରୁଥିଲେ । କଟକ-ବାଙ୍କୀ ନିକଟବର୍ତ୍ତୀ ଘୋଳପୁର ପ୍ରଜାମଣ୍ଡଳ ଆଶ୍ରୟ-ପ୍ରାର୍ଥୀ ଶିବିରରୁ କେତେକ ସ୍ବେଚ୍ଛାସେବକଙ୍କ ସହ ସେ ଢେଙ୍କାନାଳ ରାଜ୍ୟରେ ପ୍ରବେଶ କରୁଥିବାବେଳେ ରାଜାଙ୍କ ପୋଲିସ୍ ଫଉଜର କୋପ ଦୃଷ୍ଟିରେ ପଡ଼ିଥିଲେ । ସେମାନଙ୍କ ଆଖିରେ ଧୂଳି ଦେଇ ଖସି ପଳାଇ ସେ ଅରଣ୍ୟ ମଝିରେ ଗଛ ଉପରେ ଆତ୍ମଗୋପନ କରିଥିଲେ ।

୧୯୩୮ ମସିହାରେ ଢେଙ୍କାନାଳ ରାଜାଙ୍କ ଅତ୍ୟାଚାର ସୀମା ଟପି ଯାଇଥିଲା । ପ୍ରଜାମଣ୍ଡଳ ନେତୃତ୍ୱରେ ପ୍ରଜାମାନେ ଅତ୍ୟାଚାରର ପ୍ରତିରୋଧ କରିବାରୁ ରାଜା ବାହାରୁ ଗୋରା ଫଉଜ ଓ ପୋଲିସ୍ ଅଣାଇ ବ୍ୟାପକ ଦମନଲୀଳା ଚଳାଇଥିଲେ । ଏହା ଫଳରେ ଲୋକେ ଆତଙ୍କିତ ହୋଇ ଢେଙ୍କାନାଳ ଛାଡ଼ି ମୋଗଲବନ୍ଦୀ ଅଞ୍ଚଳକୁ ପଳାଇ ଆସିଥିଲେ । ସେମାନଙ୍କ ପାଇଁ ତିନି ଗୋଟି ସ୍ଥାନରେ ଆଶ୍ରୟ ଶିବିର ଖୋଲା ଯାଇଥିଲା । ବାଙ୍କୀ ନିକଟବର୍ତ୍ତୀ ଘୋଳପୁର ଶିବିରର ପରିଚାଳନା ଦାୟିତ୍ୱ ବ୍ରଜକିଶୋରଙ୍କ ଉପରେ ଥିଲା । ଯେଉଁ ପ୍ରଜାମାନେ ଢେଙ୍କାନାଳ

Digitized by srujanika@gmail.com

ରାଜ୍ୟରେ ରହିଯାଇଥିଲେ, ସେମାନଙ୍କ ମନବଳ ଦୃଢ଼ ରଖିବା ଓ ପ୍ରଜାମଣ୍ଡଳ ବାର୍ତ୍ତା ସେମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ବ୍ରଜକିଶୋରଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବକମାନେ ଢେଙ୍କାନାଳରେ ଲୁଚି ଛପି ପ୍ରବେଶ କରୁଥିଲେ । ରଣଭେରୀ ଓ ଅନ୍ୟାନ୍ୟ ପ୍ରଜାମଣ୍ଡଳ ପ୍ରଚାର ପତ୍ର ବାଣ୍ଟୁଥିଲେ । ପ୍ରଜା ଆନ୍ଦୋଳନକୁ ତେଜାଉ ଥିଲେ ।

ରାଜାଙ୍କ ପୋଲିସ୍ ଓ ଜଗୁଆଳିଙ୍କ ହାତରେ ଧରା ପଡ଼ିଲେ, ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର, ଜେଲଦଣ୍ଡ ଓ ଜୋରିମାନା ହେଉଥିଲା ।

ବ୍ରଜକିଶୋରଙ୍କ ପକ୍ଷରେ ଏହିଭଳି ଦୁଃସାହସିକ ପଦକ୍ଷେପ ନୂଆ ନ ଥିଲା । ଅନେକ ଥର ଢେଙ୍କାନାଳର ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଚେଷ୍ଟା କରି ସେ ନିଶ୍ଚିତ ମୃତ୍ୟୁ ମୁଖରୁ ରକ୍ଷା ପାଇଯାଇଥିଲେ ।

Digitized by srujanika@gmail.com

ଆଉ ଥରେ ସଂଧ୍ୟାରେ ଗାଁ ପାଖ ଛୋଟ ସାପୁଆ ନଦୀ ପାର ହେବାବେଳେ ବଢ଼ି ଆସି ତାଙ୍କୁ ଭସାଇ ନେଇଥିଲା । ମରୁ ମରୁ ସେ ବଞ୍ଚି ଯାଇଥିଲେ । ଜୀବନରେ ଏହିପରି ବହୁ କଠିନ ଓ ବିପଦ ପୂର୍ଣ୍ଣ କାମ ସେ କରିଛନ୍ତି ।

ପାରିବାରିକ ଜୀବନ ଓ ପାଠ ପଢ଼ା

ବ୍ରଜ କିଶୋର ଢେଙ୍କାନାଳ ଜିଲ୍ଲାର ଗଞ୍ଜେଇଡିହ ଗାଁରେ ୧୯୧୨ ମସିହା ଅପ୍ରେଲ ୪ ତାରିଖରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ଏକ ବଡ଼ ଧନୀ ଚାଷୀ ପରିବାରର ପିଲା । ତାଙ୍କ ବାପାଙ୍କ ନାମ ହେଉଛି ଭୋଳେଶ୍ୱର ଧଳ ଓ ମାଆଙ୍କ ନାମ ଚହ୍ନ ଦେବୀ । ଭୋଳେଶ୍ୱର ଧଳଙ୍କ ସଚ୍ଚୋଟ ପଣିଆ ଯୋଗୁ ତାଙ୍କ ପରିବାରର ସୁନାମ ରହିଥିଲା ।

ବ୍ରଜକିଶୋରଙ୍କ ପୂର୍ବ ପୁରୁଷ ଦୁର୍ଦ୍ଧର୍ଷ ମରହଟ୍ଟା ସୈନ୍ୟଙ୍କ ବିରୁଦ୍ଧରେ ଯୁଦ୍ଧ କରି ସେମାନଙ୍କୁ ପରାଜିତ କରିଥିଲେ । ଏହି ପରିବାରଟି ପରେ ଗାନ୍ଧିଙ୍କ ଆହ୍ୱାନରେ କଂଗ୍ରେସରେ ଯୋଗ ଦେଇଥିଲା ।

ବ୍ରଜକିଶୋରଙ୍କର ଚାରି ଭାଇ ଓ ଗୋଟିଏ ଭଉଣୀ । ଅନ୍ୟ ଭାଇମାନେ ହେଲେ ନାରାୟଣ ପ୍ରସାଦ, ଭାଷାତତ୍ତ୍ୱବିତ୍ ଗୋଳକ ବିହାରୀ, ଅକାରଣ ଚନ୍ଦ୍ର ଓ ନିବାରଣ ଚନ୍ଦ୍ର । ଭଉଣୀଙ୍କ ନାମ ହେଉଛି ଚଉରା । ତାଙ୍କ ଭିଣୋଇ ରଘୁନାଥନାୟକ ବଡ଼ମ୍ବା ଅଞ୍ଚଳର ଗୋପ-ମଥୁରା ଗ୍ରାମର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଜାମଣ୍ଡଳ ନେତା ଥିଲେ ।

ଗାଁ ପ୍ରାଥମିକ ବିଦ୍ୟାଳୟରେ ବ୍ରଜ କିଶୋରଙ୍କ ପାଠ ପଢ଼ା ଆରମ୍ଭ ହୋଇଥିଲା । ପ୍ରାଥମିକ ଶିକ୍ଷା ପରେ ସେ ଢେଙ୍କାନାଳ ହାଇସ୍କୁଲରେ ନାମ ଲେଖାଇଥିଲେ । ସେଠାରେ ସେ ଛାତ୍ରାବାସରେ ରହୁଥିଲେ । ତାଙ୍କ

Digitized by srujanika@gmail.com

ପଢ଼ାରେ ଯେଉଁଭଳି କୌଣସି ଅସୁବିଧା ନହୁଏ, ସେଥିପ୍ରତି ତାଙ୍କ ବାପା ସବୁବେଳେ ଦୃଷ୍ଟି ଦେଉଥିଲେ । ପାଠପଢ଼ା ବ୍ୟତୀତ ସଂଗୀତ, ସାହିତ୍ୟ, ବାଡ଼ି ବଗିଚା କାମ, ଖେଳ କସରତ ଓ ଘୋଡ଼ା ଚଢ଼ାରେ ସେ ଦକ୍ଷତା ହାସଲ କରିଥିଲେ ।

ଢେଙ୍କାନାଳ ହାଇସ୍କୁଲରେ ସେତେବେଳେ ପ୍ରଧାନ ଶିକ୍ଷକ ଥିଲେ ରାଜେନ୍ଦ୍ର ଲାଲ ଦତ୍ତ । ସେ ବଙ୍ଗଳାବାସୀ ଜଣେ ଆଦର୍ଶ ଶିକ୍ଷକ । ତାଙ୍କ ବ୍ୟତୀତ ହାଇସ୍କୁଲରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ସହକର୍ମୀ ସତ୍ୟବାଦୀର ହରେକୃଷ୍ଣ ମହାପାତ୍ର ଓ ବାସୁଦେବ ମହାପାତ୍ର ମଧ୍ୟ ସେଠାରେ ଶିକ୍ଷକତା କରୁଥିଲେ । ଏହି ଆଦର୍ଶ ଶିକ୍ଷକମାନଙ୍କର ପ୍ରଭାବ ବ୍ରଜକିଶୋରଙ୍କ ଉପରେ ପଡ଼ିଥିଲା । ବ୍ରଜକିଶୋର ଓ ଅନ୍ୟ ଛାତ୍ରମାନଙ୍କୁ ଏହି ଶିକ୍ଷକମାନଙ୍କ ପ୍ରେରଣା ହିଁ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିଥିଲା ।

ବ୍ରଜକିଶୋର ରାଜେନ୍ଦ୍ର ଲାଲଙ୍କର ଅତି ପ୍ରିୟ ଛାତ୍ର ଥିଲେ । ତାଙ୍କର ଭବିଷ୍ୟତ ସଂଗ୍ରାମୀ ଜୀବନର ମୂଳଦୁଆ ଏହିଠାରେ ହିଁ ପଡ଼ିଥିଲା । ସେ ସମୟରେ ଏହି ଢେଙ୍କାନାଳ ହାଇସ୍କୁଲରେ ଅଧ୍ୟୟନ କରି ପରବର୍ତ୍ତୀ ଜୀବନରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିମାନେ ହେଉଛନ୍ତି ସୁପରିଚିତ ଲେଖକ ଅନ୍ନଦାଶଙ୍କର ରାୟ, ବିଚାରପତି ମାନ୍ୟବର ଜୟକୃଷ୍ଣ ମିଶ୍ର ଓ ଗତିକୃଷ୍ଣ ମିଶ୍ର, ସ୍ୱାଧୀନତା ସଂଗ୍ରାମୀ ବୈଷ୍ଣବ ପଟ୍ଟନାୟକ, କୃତ୍ତିବାସ ପ୍ରଧାନ ଓ ହରମୋହନ ପଟ୍ଟନାୟକ ପ୍ରମୁଖ ।

୧୯୨୯ ମସିହାରେ ମାଟ୍ରିକ ପଢୁଥିବା ବେଳେ ବ୍ରଜ କିଶୋରଙ୍କ ପାଠ ପଢ଼ାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା । ଏହାର କାରଣ ଥିଲା ଦୁଇଟି ।

Digitized by srujanika@gmail.com

ପ୍ରଥମରେ ବ୍ରଜକିଶୋରଙ୍କ ବାପା ଚାହିଁଲେ ଯେ, ସେ ଗାଁ କୁ ଫେରି ତାଙ୍କୁ କାମରେ ସାହାଯ୍ୟ କରୁ । ଦ୍ୱିତୀୟ କାରଣଟି ହେଲା, ରାଜାଙ୍କ ଅତ୍ୟାଚାର ଓ ଅନାଚାର ତାଙ୍କ ମନରେ ବିଦ୍ରୋହ ସୃଷ୍ଟି କରିଥିଲା । ତେଣୁ ସେ ପାଠ ପଢ଼ାରୁ ମୁକ୍ତି ପାଇ ରାଜାଙ୍କ ବିରୁଦ୍ଧରେ ପ୍ରଜାମାନଙ୍କୁ ସଂଗଠିତ କରିବା ନିମନ୍ତେ ସୁଯୋଗ ଖୋଜୁଥିଲେ । ଏହା ମଧ୍ୟ ତାଙ୍କୁ ମିଳିଗଲା ।

ବ୍ରଜକିଶୋର ଗ୍ରାମକୁ ଫେରି ଗ୍ରାମବାସୀଙ୍କ ସେବାରେ ନିଜକୁ ସଂପୂର୍ଣ୍ଣ ଉତ୍ସର୍ଗ କଲେ । ସେତେବେଳକୁ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା କ୍ରମଶଃ ଗଡ଼ଜାତ ଅଞ୍ଚଳକୁ ପ୍ରବେଶ କରୁଥାଏ । ଯୁବକ ବ୍ରଜକିଶୋର ନିଜ ଗ୍ରାମ ଗଞ୍ଜେଇଡିହ ସମେତ ଛ'ଦେଶ ଅଞ୍ଚଳରେ ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମର ପ୍ରଚାର ପାଇଁ ମନ ଦେଇଥିଲେ । ଖଦିର ପ୍ରସାର, କୁଟୀର ଶିଳ୍ପକୁ ଉତ୍ସାହ ପ୍ରଦାନ, ଅସ୍ପୃଶ୍ୟତା ନିବାରଣ ଓ ନିଶା ନିବାରଣ ପ୍ରଭୃତି କାମରେ ଲୋକଙ୍କୁ ସଂଗଠିତ କରିଥିଲେ । ଏଥି ସହିତ ଢେଙ୍କାନାଳ ରାଜାଙ୍କ ଅତ୍ୟାଚାରର ପ୍ରତିରୋଧ ପାଇଁ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିଥିଲେ ।

୧୯୩୦ ମସିହାରେ ବ୍ରଜକିଶୋରଙ୍କର ବାଙ୍କୀର ବିଶିଷ୍ଟ ଜମିଦାର ତଥା ଅବୈତନିକ ମାଜିଷ୍ଟ୍ରେଟ୍ ଦୀନବନ୍ଧୁ ମଙ୍ଗରାଜଙ୍କ କନ୍ୟା ଇନ୍ଦୁମତୀଙ୍କ ସହିତ ବିବାହ ହେଲା ।

ସେ ସମୟର ଶାସନ ବ୍ୟବସ୍ଥା

ସେତେବେଳେ ଦେଶରେ ଦୁଇ ପ୍ରକାରର ଶାସନ ଚାଲୁଥିଲା । କେତେକ ଅଞ୍ଚଳରେ ସରକାର ପ୍ରତ୍ୟକ୍ଷ ଭାବେ ଶାସନ କରୁଥିଲେ ।

Digitized by srujanika@gmail.com

ଏହି ଅଞ୍ଚଳକୁ ମୋଗଲବନ୍ଦୀ ବୋଲି କୁହାଯାଉଥିଲା । ଅନ୍ୟ ଅଞ୍ଚଳଟି ଥିଲା ଦେଶୀୟ ରାଜ୍ୟ ବା ଗଡ଼ଜାତ ଅଞ୍ଚଳ । ଏଠାରେ ରାଜା ମହାରାଜାମାନଙ୍କୁ ଶାସନ କରିବା ପାଇଁ ଅଖଣ୍ଡ କ୍ଷମତା ଦିଆଯାଇଥିଲା । ସେମାନଙ୍କ କାର୍ଯ୍ୟ ଦେଖିବାକୁ ଜଣେ ଜଣେ ପଲିଟିକାଲ ଏଜେଣ୍ଟ ଥିଲେ । କେତେକ ରାଜା ପ୍ରଜାଙ୍କ ମଙ୍ଗଳ ପାଇଁ ବିଭିନ୍ନ କାର୍ଯ୍ୟ କରୁଥିଲେ ।

ଓଡ଼ିଶାରେ ୨୬ ଗୋଟି ଗଡ଼ଜାତ ଥିଲା । ସେସବୁ ମଧ୍ୟରେ ଢେଙ୍କାନାଳ ଥିଲା 'କ' ଶ୍ରେଣୀର ଗଡ଼ଜାତ । ଏଠାରେ ରାଜା ଆଇନ୍ ପ୍ରଣୟନ କରୁଥିଲେ । ଟିକସ ବି ବସାଇ ପାରୁଥିଲେ । ନିଜେ ବିଚାର କରି ଦୋଷୀକୁ ଦଣ୍ଡ ଦେଉଥିଲେ ।

୧୯୧୮ ମସିହାରେ ଢେଙ୍କାନାଳର ରାଜା ସୁରପ୍ରତାପ ମହେନ୍ଦ୍ର ବାହାଦୁରଙ୍କ ପରଲୋକ ହେଲା । ସେ ଦୟାଳୁ ଓ ବିଚାର ବନ୍ତ ରାଜା ଥିଲେ । ତାଙ୍କ ପର୍ଯ୍ୟନ୍ତ ସୁଶାସନ ଥିଲା । ତାଙ୍କ ପରେ ତାଙ୍କ ପୁତ୍ର ଶଙ୍କର ପ୍ରତାପ ରାଜା ହେଲେ ।

ଶଙ୍କର ପ୍ରତାପଙ୍କ ଶାସନ ଢେଙ୍କାନାଳ ବାସୀଙ୍କ ପାଇଁ କାଳ ହେଲା । ଲୋକମାନେ ତାଙ୍କ ଶାସନରେ ଅତିଷ୍ଠ ହେଲେ । ସେ ଯାବତୀୟ ଅନ୍ୟାୟ, ଅତ୍ୟାଚାର, ଶୋଷଣ, ବେଠି-ବେଗାରୀ, ଘରପୋଡ଼ି, ଅନ୍ୟାୟ ଟିକସ ଅସୁଲ ଆଦି ମନମୁଖୀ ଶାସନ ଚଳାଇଲେ । ଏଥିସହିତ ନାରୀ ଧର୍ଷଣ, ମିଥ୍ୟା ମକଦ୍ଦମାରେ ଜେଲଦଣ୍ଡ, ରାଜ୍ୟ ଭିତରର ବିଶିଷ୍ଟ ବ୍ୟକ୍ତି ଓ ବାହାରର ଆଗନ୍ତୁକ ମାନଙ୍କ ପ୍ରତି ଲାଞ୍ଛନା ଇତ୍ୟାଦି ବଢ଼ିଚାଲିଲା । ଏହାବାଦ ଏକଚାଟିଆ ଆଇନ କରି ପ୍ରଜାମାନଙ୍କୁ ସେ ହଇରାଣ କଲେ ।

Digitized by srujanika@gmail.com

ଢେଙ୍କାନାଳ ବାସୀଙ୍କୁ ବର୍ଷରେ ଛଅମାସ ବେଠି ଖଟିବାକୁ ପଡୁଥିଲା । ବେଠିକୁ ନ ଆସିଲେ ବେତମାଡ଼, ନିଶ ଉପୁଡ଼ା, ଜେଲ ଓ ଜୋରିମାନା ଦଣ୍ଡ ଭୋଗିବାକୁ ପଡୁଥିଲା । ଢେଙ୍କାନାଳରେ ପ୍ରଜାଙ୍କୁ ଅଠର ପ୍ରକାର ବେଠି କରିବାକୁ ପଡୁଥିଲା ।

ପ୍ରଜାମାନେ ରାଜାଙ୍କ ଅତ୍ୟାଚାର ଓ ଅନାଚାର ବିନା ପ୍ରତିବାଦରେ କିଛି କାଳ ସହିଗଲେ । ଧୀରେ ଧୀରେ ଏସବୁ ଅତ୍ୟାଚାର ସୀମା ଲଘଂନ କରିବାକୁ ଲାଗିଲା । ଫଳରେ ବ୍ରଜକିଶୋରଙ୍କ ଭଳି କେତେକ ଦେଶ ପ୍ରେମୀ ଶିକ୍ଷିତ ବ୍ୟକ୍ତି ରାଜାଙ୍କ ଅତ୍ୟାଚାରରୁ ଲୋକଙ୍କୁ ମୁକ୍ତ କରିବାକୁ ସଂକଳ୍ପବଦ୍ଧ ହେଲେ । ସେମାନେ ପ୍ରଥମେ ପ୍ରଜାମଣ୍ଡଳ ଆନ୍ଦୋଳନ ମାଧ୍ୟମରେ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କଲେ ।

ବ୍ରଜକିଶୋରଙ୍କ ପୁଲିସ୍ ଚାକିରି

ହାଇସ୍କୁଲରେ ପଢୁଥିବା ଛାତ୍ରମାନଙ୍କ କାର୍ଯ୍ୟକଳାପ ସଂପର୍କରେ ରାଜା ଶଙ୍କର ପ୍ରତାପ ସମସ୍ତ ଖବର ରଖୁଥିଲେ । ବ୍ରଜକିଶୋର ସେତେବେଳେ ଜଣେ ସ୍ୱାଭିମାନୀ ଓ ସ୍ୱାଧୀନଚେତା ଛାତ୍ର ଭାବରେ ସୁନାମ ଅର୍ଜନ କରିଥିଲେ । ତେଣୁ ତାଙ୍କୁ ଆପଣାର କରିବାକୁ ରାଜା ଉଦ୍ୟମ କରିଥିଲେ । ପ୍ରଥମେ ସେ ତାଙ୍କର ଦୋଷ ଦେଖାଇ ଦଣ୍ଡ ଦେଇ ଭୟଭୀତ କରିବାକୁ ଚେଷ୍ଟା କଲେ ।

ବ୍ରଜକିଶୋରଙ୍କ ନିଜ ଗାଁରେ ଲାବଣ୍ୟ ନାମକ ଜଣେ ଷୋହଳ ବର୍ଷ ବୟସର ସୁନ୍ଦରୀ ଯୁବତୀ ଥିଲା । ଥରେ ଢେଙ୍କାନାଳ ସହରରେ ସେ ଯାଉଥିବାବେଳେ ରାଜାଙ୍କ ଲୋକେ ତାକୁ ନଅର ଭିତରକୁ

Digitized by srujanika@gmail.com

ଧରିନେଲେ । ସେ ହେଉଛି ବ୍ରଜକିଶୋରଙ୍କର ଦୂର ସଂପର୍କୀୟା ଭଉଣୀ । ତା' ଉପରେ ଦିନ ପରେ ଦିନ ରାଜ ନଅରରେ ପାଶବିକ ଅତ୍ୟାଚାର ଚାଲିଲା ।

ଲାବଣ୍ୟ ଉପରେ ଅତ୍ୟାଚାର କରିଥିବା ଅଭିଯୋଗରେ ବ୍ରଜକିଶୋର ଓ ତାଙ୍କର କେତେକ ସଂପର୍କୀୟଙ୍କୁ ରାଜା ପୁଲିସ୍ ପଠାଇ ଧରିନେଲେ । ତାଙ୍କ ବାପା ଓ ଦାଦାଙ୍କୁ ମଧ ସାଙ୍ଗରେ ଅଣାଗଲା । ଏ ଅଭିଯୋଗକୁ ନ ମାନିଲେ ମାଡ଼ ଓ ଜେଲ୍ ଦଣ୍ଡ ହେବ ବୋଲି ରାଜକର୍ମଚାରୀମାନେ ଧମକାଇଲେ । ବ୍ରଜ ବିଶୋର କିନ୍ତୁ ଏଭଳି ଅଭିଯୋଗ ସଂପୂର୍ଣ୍ଣ ମିଥ୍ୟା ବୋଲି କହି ଅଟଳ ରହିଲେ । ଲାବଣ୍ୟ ମଧ ଏ ଅଭିଯୋଗ ଅସତ୍ୟ ବୋଲି ପ୍ରମାଣ ଦେଲା । ଏଣୁ ବ୍ରଜକିଶୋର ଅଭିଯୋଗରୁ ମୁକ୍ତ ହେଲେ ।

ଲାବଣ୍ୟ ନିର୍ଯାତନା ସଂପର୍କୀୟ ମିଥ୍ୟା ଅଭିଯୋଗ କାଳେ ବ୍ରଜ କିଶୋର ଅନ୍ୟତ୍ର ପ୍ରକାଶ କରିଦେବେ ବୋଲି ରାଜାଙ୍କ ମନରେ ସନ୍ଦେହ ହେଲା । ତେଣୁ ବ୍ରଜକିଶୋରଙ୍କୁ ଆପଣାର କରିବାକୁ ତାଙ୍କୁ ପୁଲିସ୍ ବିଭାଗରେ ନିଯୁକ୍ତି କରିବା ପାଇଁ ଯୋଜନା କରାଗଲା । ସ୍କୁଲରେ ସେ ଭଲ ପ୍ୟାରେଡ଼ କରୁଥିବାରୁ ପୁଲିସ୍ ଚାକିରିରେ ଯୋଗ ଦେବାକୁ ରାଜା ତାଙ୍କୁ ପ୍ରବର୍ତ୍ତାଇଲେ । ମାତ୍ର ଏଥିରେ ସେ ରାଜି ହୋଇନଥିଲେ ।

ଦିନେ ତାଙ୍କୁ ପୁଣି ଗାଁ ରୁ ଧରି ଆଣି ଅନ୍ୟମାନଙ୍କ ସହିତ 'ବ୍ୟୋମଯାନ' ସଂପର୍କରେ ୨୫ ଧାଡ଼ିରେ ଏକ ରଚନା ଲେଖିବା ପାଇଁ କୁହାଗଲା । ଏହି ରଚନା ଲେଖାରେ ବ୍ରଜକିଶୋର ପ୍ରଥମ ହୋଇଥିବା ଓ

Digitized by srujanika@gmail.com

ଚାକିରି ପାଇଁ ମନୋନୀତ ହୋଇଥିବା ଖବର ରାଜାଙ୍କ କର୍ମଚାରୀମାନେ ଜଣାଇଲେ । ବ୍ରଜକିଶୋର ନିଜର ଅନିଚ୍ଛା ସତ୍ତ୍ୱେ ସରକାରୀ ପୁଲିସ୍ ସବ୍‌ଇନିସପେକ୍ଟର ଭାବେ ସଦରଥାନାରେ ଅବସ୍ଥାପିତ ହେଲେ । ସେ ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ଏହି ଚାକିରି କରିଥିଲେ । ମାତ୍ର ଚାକିରି ଛାଡ଼ିବାଟା ଏତେ ସହଜ ନୁହେଁ ବୋଲି ସେ ଜାଣିଥିଲେ । କୌଣସି ମତେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଚାକିରି ଛାଡ଼ିଲେ ।

ବ୍ରଜକିଶୋର ଢ଼େଙ୍କାନାଳ ଥାନାରେ ଅବସ୍ଥାପିତ ହୋଇଥିବା ସମୟରେ ରାଜାଙ୍କ ଶାସନର ଅନେକ ଅକଥନୀୟ ଅତ୍ୟାଚାର ଓ ଅମାନୁଷିକ ଘଟଣା ଦେଖିଥିଲେ । ପ୍ରତିଦିନ ବିଭିନ୍ନ ଅପରାଧରେ ଅଭିଯୁକ୍ତ ନିର୍ଦ୍ଦୋଷ ବ୍ୟକ୍ତି ଓ ସର୍ବରାକାରଙ୍କୁ ନେଇ ନନ୍ଦ ପେସ୍କାରଙ୍କ ନିକଟରେ ପହଞ୍ଚାଇବାକୁ ପଡୁଥିଲା । ପେସ୍କାରଙ୍କ ଘରୋଇ ଚାକର ଦାସ ଦଳେଇ ଗୋଟିଏ ଅଢ଼େଇ ହାତର ବାଉଁଶ ଠେଙ୍ଗାଧରି ଗାଈ ଗୋରୁଙ୍କୁ ପିଟିଲା ଭଳି ଅତି ନିର୍ଦ୍ଦୟରେ ଲୋକଙ୍କୁ ପିଟିପିଟି ଅଚେତ କରି ଦେଉଥିଲା ।

ଥରେ ଦୁଇଜଣ ବଙ୍ଗୀୟ ମହିଳା ଢ଼େଙ୍କାନାଳ ଷ୍ଟେସନରେ ଓହ୍ଲାଇଥିବା ଖବର ପାଇ ରାଜା ସେଠାରେ ପହଞ୍ଚିଲେ । ସେମାନଙ୍କର ତାଳଚେର ଯିବା କଥା । କିନ୍ତୁ ରାଜା ସେମାନଙ୍କୁ ଢ଼େଙ୍କାନାଳ ନଅରକୁ ନେଇ ଆସିଲେ । ସେଠାରେ ମହିଳା ଦ୍ୱୟଙ୍କୁ ନାନା ପ୍ରଶ୍ନ ପଚରାଗଲା । ସେମାନେ ନିର୍ଭୟରେ ସବୁ ପ୍ରଶ୍ନର ଉତ୍ତର ଦେବାରୁ ସେମାନଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟରେ ରାଜକର୍ମଚାରୀମାନେ ସେ ଦୁହିଁଙ୍କ ଗହଣା ପତ୍ର ଓ ଅନ୍ୟାନ୍ୟ ପରିଧାନ ସାମଗ୍ରୀ ଛଡ଼ାଇ ନେଇ ଉଭୟଙ୍କୁ ଥାନାକୁ ପଠାଇଦେଲେ । ଥାନାର ଏକ ଲମ୍ୱା ହଲ୍‌ରେ ସେମାନଙ୍କ ଉପରେ

Digitized by srujanika@gmail.com

ପାଶବିକ ଅତ୍ୟାଚାର କରାଯାଇଥିଲା । ଯେଉଁମାନେ ଏହି ବଙ୍ଗୀୟ ମହିଳାଙ୍କ ଉପରେ ପାଶବିକ ଅତ୍ୟାଚାର କରିବାକୁ ମନା କରିଦେଲେ, ସେମାନଙ୍କୁ ହାଜତରେ ରଖି ମାଡ଼ ଦିଆଯାଇଥିଲା । ପରେ ସେମାନଙ୍କ ମଧ୍ୟରୁ ଜଣେ ପ୍ରାଣ ହରାଇଲେ । ଏ ସଂପର୍କରେ ଦେଶସାରା ଚହଳ ପଡ଼ିଗଲା । ଇଂରେଜ ସରକାର ଏହାର ତଦନ୍ତ କଲେ । ଏହି ଅମାନୁଷିକ ଘଟଣା ବ୍ରିଟିଶ୍ ପାର୍ଲିଆମେଣ୍ଟରେ ଆଲୋଚିତ ହୋଇ ମହିଳା ସଦସ୍ୟା ମିସ୍ ହାରିସାନ୍ ଢ଼େଙ୍କାନାଳ ଆସି ଏ ସଂପର୍କରେ ଅନୁସନ୍ଧାନ କରି ସ୍ତମ୍ଭିତ ହୋଇଯାଇଥିଲେ ।

ସେହିପରି ଢ଼େଙ୍କାନାଳରେ ଯତନ ନଗର ନିର୍ମାଣରେ ଲୋକଙ୍କୁ ବେଠି ଖଟାଇ, ଜୋର ଜବରଦସ୍ତ ନଗର ନିର୍ମାଣ ପାଇଁ ଅର୍ଥ ଆଦାୟ କରି ଲୋକଙ୍କ ଉପରେ ଅତ୍ୟାଚାର କରାଗଲା । ତାହା ବ୍ରଜ କିଶୋରଙ୍କ ମନରେ ବିଦ୍ରୋହ ସୃଷ୍ଟି କରିଥିଲା ।

ଜନ ସଚେତନତା ସୃଷ୍ଟି

ଢ଼େଙ୍କାନାଳରେ ଗଣ ସଂଗ୍ରାମର ମୂଳଦୁଆ ପକାଇଥିଲେ କେତେକ ଶିକ୍ଷିତ ଛାତ୍ର ଓ ଯୁବକ । ୧୮୯୬ ରେ ଢ଼େଙ୍କାନାଳରେ ହାଇସ୍କୁଲ ପ୍ରତିଷ୍ଠା ହେବା ପରେ କେତେକ ସ୍ୱାଧୀନଚେତା ବଙ୍ଗୀୟ ବ୍ୟକ୍ତି ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ । ଆଉ ମଧ୍ୟ ସ୍ୱାଧୀନତା ଆନ୍ଦୋଳନର ପୁରୋଧା ପଣ୍ଡିତ ଗୋପବନ୍ଧୁ ଦାସଙ୍କର କେତେକ ସହକର୍ମୀ ଓ ଛାତ୍ର ସେଠାରେ ଶିକ୍ଷକ ଥିଲେ । ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବ୍ରଜକିଶୋର ଧଳ, ଗତିକୃଷ୍ଣ ଭଞ୍ଜ, ହରମୋହନ ପଟ୍ଟନାୟକ ଓ ବୈଷ୍ଣବ ପଟ୍ଟନାୟକ ପ୍ରଭୃତି

Digitized by srujanika@gmail.com

ପ୍ରଜାଙ୍କ ଉପରେ ଅତ୍ୟାଚାରର ପ୍ରତିକାର ସଂପର୍କରେ ଗୁପ୍ତ ଆଲୋଚନା କରୁଥିଲେ । ବାସ୍ତବରେ ଏହା ହିଁ ଥିଲା ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ଅୟମାରମ୍ଭ ଓ ଜାତୀୟ ଜନଚେତନା ଜାଗ୍ରତ କରିବାର ପ୍ରଥମ ପଦକ୍ଷେପ ।

ବ୍ରଜକିଶୋର ଚାକିରି ଛାଡ଼ିଲା ପରେ ନିଜର ପୁରୁଣା ଛାତ୍ର ବନ୍ଧୁମାନଙ୍କ ସଙ୍ଗେ ସଂପର୍କ ପ୍ରତିଷ୍ଠା କଲେ । ରାଜାଙ୍କ ଅତ୍ୟାଚାରରୁ ଲୋକଙ୍କୁ ମୁକ୍ତ କରିବା ପାଇଁ କି କୌଶଳ ଅବଲମ୍ବନ କରିବାକୁ ପଡ଼ିବ, ସେ ସଂପର୍କରେ ବିଚାର ଆଲୋଚନା କଲେ ।

୧୯୩୬ ଅପ୍ରେଲ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ୧୯୩୭ ରେ କଂଗ୍ରେସ ସରକାର ଗଢ଼ିଲା । କଂଗ୍ରେସ ନେତାମାନଙ୍କ ସଙ୍ଗେ ସଂପର୍କ ପ୍ରତିଷ୍ଠା କରି ପ୍ରଜାମଣ୍ଡଳ ଆନ୍ଦୋଳନକୁ ଦୃଢ଼ ଓ ସକ୍ରିୟ କରିବା ନିମନ୍ତେ ବ୍ରଜକିଶୋର ଦୃଢ଼ ପ୍ରତିଜ୍ଞ ହେଲେ । ୧୯୨୭ ମସିହାରେ କଟକ ତାଳଚେର ରେଳଷ୍ଟେସନ ଖୋଲା ଯିବାରୁ ବାହାର ଜଗତ ସହିତ ଢେଙ୍କାନାଳ ଲୋକଙ୍କ ସଂପର୍କ ମଧ୍ୟ ବଢ଼ିଲା ।

ଢେଙ୍କାନାଳ ରାଜାଙ୍କ ଅତ୍ୟାଚାର ସଂପର୍କରେ ବିଭିନ୍ନ ସମ୍ବାଦ ବ୍ରଜକିଶୋର ଖବର କାଗଜକୁ ପଠାଇଲେ । ରାଜାରାଜୁଡ଼ା ଶାସନର ନଗ୍ନ ସ୍ୱରୂପ ଚାରିଆଡ଼େ ଚହଳ ପକାଇଦେଲା । ଅଭିଯୋଗ ଗୁଡ଼ିକର ତଦନ୍ତ ପାଇଁ ଇଂରେଜ ସରକାରଙ୍କ ପ୍ରତିନିଧି ଓ ଗୁଇନ୍ଦା ପୁଲିସ ମଧ୍ୟ ଢେଙ୍କାନାଳ ଆସିଲେ । ଏହା ଫଳରେ ଶଙ୍କର ପ୍ରତାପ ବିବ୍ରତ ହୋଇପଡ଼ିଲେ । ତଥାପି ସେ ଲୋକଙ୍କ ଉପରେ ଅଧିକରୁ ଅଧିକ ଦମନ

Digitized by srujanika@gmail.com

ଲୀଳା ଚଳାଇଲେ । ମାତ୍ର ଲୋକଙ୍କ ମନୋବଳ ଦୃଢ଼ଥିଲା । ଆନ୍ଦୋଳନକୁ ଦମନ କରିବାକୁ ରାଜାଙ୍କର ସବୁ ଚକ୍ରାନ୍ତ ଭଣ୍ଡୁର ହେଲା । ଗଣ ସଂଗ୍ରାମ ବି ବ୍ୟାପକତର ହେଲା । ଜନଶକ୍ତି ନିକଟରେ ରାଜଶକ୍ତି ଶେଷରେ ମୁଣ୍ଡ ନୁଆଁଇଲା । ଢେଙ୍କାନାଳ ବାସୀଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ ଚିରକାଳ ପାଇଁ ଭାରତର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଲିପିବଦ୍ଧ ହୋଇ ରହିଗଲା ।

ଓଡ଼ିଶାରେ ଗଡ଼ଜାତ ଅଞ୍ଚଳ ଗୁଡ଼ିକର ଲୋକଙ୍କୁ ନାଗରିକ ଓ ରାଜନୈତିକ ଅଧିକାର ଦେବା ପାଇଁ ପ୍ରଥମେ ୧୯୩୧ ମସିହାରେ କଟକଠାରେ ଗୋବିନ୍ଦଚନ୍ଦ୍ର ମିଶ୍ର, ଭୁବନାନନ୍ଦ ଦାସ, ବାଳୁକେଶ୍ୱର ଆଚାର୍ଯ୍ୟ, ରାଧାନାଥ ରଥ ଓ ମଧୁସୂଦନ ପଟ୍ଟନାୟକଙ୍କ ଉଦ୍ୟମରେ ଗଡ଼ଜାତ ପ୍ରଜା ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହାର ଏକ କାର୍ଯ୍ୟକାରୀ କମିଟି ବ୍ରଜସୁନ୍ଦର ଦାସଙ୍କ ଅଧ୍ୟକ୍ଷତାରେ ଗଢ଼ାଯାଇଥିଲା । ୧୯୩୫ ଭାରତ ଶାସନ ଆଇନ ଅନୁଯାୟୀ ଲାଟ ସଭାରେ ଗଡ଼ଜାତ ଗୁଡ଼ିକର ଏକ ତୃତୀୟାଂଶ ପ୍ରତିନିଧିତ୍ୱର ବ୍ୟବସ୍ଥା କରାଯିବାରୁ ରାଜନୈତିକ ସ୍ତରରେ ତତ୍ପରତା ପ୍ରକାଶ ପାଇଲା । କାରଣ ଆଶଙ୍କା ଥିଲା ଯେ, ଲୋକ ପ୍ରତିନିଧିଙ୍କ ବଦଳରେ ରାଜା ରାଜୁଡ଼ାଙ୍କ ମନୋନୀତ ବ୍ୟକ୍ତି ଏହି ଆସନ ଅଧିକାର କରିଯିବେ । ଇତି ମଧ୍ୟରେ ଜାତୀୟ କଂଗ୍ରେସର ଦେଶୀୟ ରାଜ୍ୟଗୁଡ଼ିକ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିଲା । ସର୍ବଭାରତୀୟ ସ୍ତରରେ ଦେଶୀୟ ରାଜ୍ୟ ପ୍ରଜା ସମ୍ମିଳନୀ ଗଠିତ ହେଲା । ପଣ୍ଡିତ ନେହେରୁ ଏହାର ସଭାପତି ହେଲେ ।

Digitized by srujanika@gmail.com

୧୯୩୭ ଜୁନ୍ ୨୩ ଓ ୨୪ ତାରିଖରେ କଟକରେ ପଟ୍ଟାଭି-ସୀତାରାମାୟାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀର ଏକ ଅଧିବେଶନ ଅନୁଷ୍ଠିତ ହେଲା । ପ୍ରଜାମଣ୍ଡଳ ଗଠନ କରି ଗଡ଼ଜାତ ଅଞ୍ଚଳରେ ବ୍ୟାପକ ଜନଜାଗରଣ ସୃଷ୍ଟି କରିବାକୁ ଏଥିରେ ନିଷ୍ପତ୍ତି ନିଆଗଲା । ଓଡ଼ିଶାର ଗଡ଼ଜାତ ବିଶେଷତଃ ଢେଙ୍କାନାଳରେ ରାଜାଙ୍କ ଦ୍ୱାରା ଲୋକେ ଅତ୍ୟାଚାରିତ ହେଉଥିବାରୁ ଏ ସଂପର୍କରେ ଅନୁସନ୍ଧାନ କରି ରିପୋର୍ଟ ଦେବାକୁ ଡଃ.ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ଲାଲମୋହନ ପଟ୍ଟନାୟକ ଓ ବଳବନ୍ତରାୟ ମେହେଟ୍ଟାଙ୍କୁ ନେଇ ଏକ କମିଟି ଗଠନ କରାଗଲା ।

କଟକଠାରେ ଆୟୋଜିତ ଗଡ଼ଜାତ ପ୍ରଜା ସମ୍ମିଳନୀର ବାର୍ତ୍ତା ଢେଙ୍କାନାଳର ସବୁ ଅଞ୍ଚଳର ଲୋକଙ୍କ ମଧ୍ୟରେ ବିପୁଳ ଉତ୍ସାହ ଉନ୍ମାଦନା ସୃଷ୍ଟି କରିଥିଲା । ନିଖିଳ ଭାରତ ଦେଶୀୟ ରାଜ୍ୟ ପ୍ରଜା ସମ୍ମିଳନୀର ସଦସ୍ୟ ଥିବା, ସାରଙ୍ଗଧର ଦାସ ହେଲେ ଏହାର ଓଡ଼ିଶା ଶାଖାର ସଂପାଦକ । ନିଜେ ସାରଙ୍ଗଧର ରାଜାଙ୍କ ଅତ୍ୟାଚାର ଅଙ୍ଗେ ନିଭାଇଥିଲେ । ଏଣୁ ସେ ସର୍ବଭାରତୀୟ ସ୍ତରରେ ଢେଙ୍କାନାଳବାସୀଙ୍କ ଦୁଃଖଦୁର୍ଦ୍ଦଶା ସଫଳ ଭାବେ ଉପସ୍ଥାପିତ କରିଥିଲେ । ଏଣୁ ରାଜାଙ୍କ ବିରୁଦ୍ଧରେ କେବଳ ଢେଙ୍କାନାଳ ନୁହେଁ, ସାରା ଭାରତ ବର୍ଷରେ ଜନମତ ସୃଷ୍ଟି ହୋଇଥିଲା ।

ଜେନାପୁର ସଭା

ଢେଙ୍କାନାଳ ସୀମା ନିକଟବର୍ତ୍ତୀ ଜେନାପୁର ଠାରେ ୧୯୩୮ ସେପ୍ଟେମ୍ବର ପହିଲା ଦିନ ଏକ ବିରାଟ କୃଷକ ସମାବେଶ ଅନୁଷ୍ଠିତ

Digitized by srujanika@gmail.com

ହୋଇଥିଲା । ସେଠାରେ ଢେଙ୍କାନାଳ ପ୍ରଜାମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା ହୋଇଥିଲା । ରାଜାଙ୍କ ପ୍ରବଳ ପ୍ରତିରୋଧ ସତ୍ତ୍ୱେ ଏହି ସଭାରେ ଦଶ ହଜାରରୁ ଅଧିକ ଢେଙ୍କାନାଳ ବାସୀ ସମବେତ ହୋଇଥିଲେ ।

ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ସାରଙ୍ଗଧର ଦାସ, ଭଗବତୀ ପାଣିଗ୍ରାହୀ ଓ ସୁରେନ୍ଦ୍ର ନାଥ ଦ୍ୱିବେଦୀ ପ୍ରମୁଖ ଏହି ସଭାରେ ଉଦ୍‌ବୋଧନ ଦେଇ ରାଜାଙ୍କ ଅତ୍ୟାଚାରର ତୀବ୍ର ନିନ୍ଦା କରିଥିଲେ । ପ୍ରଜାମଣ୍ଡଳ ସୁସଂଗଠିତ ଆନ୍ଦୋଳନ ଚଳାଇବାକୁ ଏହା ସହିତ ସେମାନେ ଆହ୍ୱାନ ଦେଲେ । ଢେଙ୍କାନାଳ ପ୍ରଜାମଣ୍ଡଳ ଏହି ସଭାରେ ପୁନର୍ଗଠିତ ହେଲା । ହରମୋହନ ପଟ୍ଟନାୟକ ସଭାପତି, ମହେଶ୍ୱର ସୁବାହୁ ସିଂହ ଉପସଭାପତି ଓ ଲକ୍ଷ୍ମୀଧର ସାହୁ ସଂପାଦକ ଭାବେ ନିର୍ବାଚିତ ହେଲେ । ଆନ୍ଦୋଳନକୁ ଅଧିକ ସକ୍ରିୟ କରିବା ପାଇଁ ଏକ ୧୫ ଜଣିଆ କାର୍ଯ୍ୟକାରୀ କମିଟି ଗଠିତ ହେଲା ।

ପ୍ରଜାଙ୍କ ଦାବି ପତ୍ର ବହୁ ସଂଖ୍ୟାରେ ଛପାଇ ସବୁ ଅଞ୍ଚଳରେ ବଣ୍ଟାଗଲା । ପ୍ରତି ଅଞ୍ଚଳରେ ପ୍ରଜାମଣ୍ଡଳର ଶାଖା ଖୋଲିଲା । ରାଜାଙ୍କ ଅତ୍ୟାଚାରର ପ୍ରତିବାଦ ପାଇଁ ସଭା ସମିତିମାନ ଆୟୋଜନ କରାଗଲା ।

ପ୍ରଜାମଣ୍ଡଳ ଆନ୍ଦୋଳନର ଅଗ୍ରଦୂତ

ରାଜୁଡ଼ା ଶାସନର ଅନ୍ୟାୟ ଅତ୍ୟାଚାରର ଅନୁଭବି ବ୍ରଜକିଶୋରଙ୍କ ପାଇଁ ପ୍ରଜାମଣ୍ଡଳ ଆନ୍ଦୋଳନ ଆଣି ଦେଇଥିଲା ଅପୂର୍ବ ସୁଯୋଗ ।

Digitized by srujanika@gmail.com

ବ୍ରଜକିଶୋର ପ୍ରଥମେ ନିଜ ଗ୍ରାମ ଗଞ୍ଜେଇ ଡିହରେ ଏକ ସଭା ଡକାଇଲେ । ସେଦିନ ଥିଲା ଗହ୍ମା ପୂର୍ଣ୍ଣମୀ । ଗଞ୍ଜେଇ ଡିହ ଓ ଝୁମ୍ପୁଡ଼ିଆ ଗ୍ରାମରୁ ପାଞ୍ଚଶହରୁ ଅଧିକ ଲୋକ ଏହି ସଭାରେ ଯୋଗ ଦେଇ ଥିଲେ ।

ପ୍ରଜାମଣ୍ଡଳକୁ ଅଧିକ ସକ୍ରିୟ କରିବା ପାଇଁ ଏଠାରେ ନିଷ୍ପତ୍ତି ନିଆଗଲା । ବ୍ରଜ କିଶୋରଙ୍କ ନିଜ ଗାଁ ଗଞ୍ଜେଇଡିହ ଓ ନିକଟବର୍ତ୍ତୀ ଅଣୀ ଖଣ୍ଡ ଗ୍ରାମ 'ଛ ଦେଶ' ଅଞ୍ଚଳ ଭାବେ ପରିଚିତ । 'ଛ ଦେଶ' ଅଞ୍ଚଳର ଏକ ବଡ଼ ସଭା ନିଜ ଗାଁ ସ୍କୁଲରେ ଡାକିବା ପାଇଁ ବ୍ରଜକିଶୋର ସ୍ଥିର କଲେ ।

ଗଞ୍ଜେଇ ଡିହ ସ୍କୁଲରେ ଏକ ଯଜ୍ଞ ଆୟୋଜନ ଆରମ୍ଭ ହେଲା । ଏଥିରେ ସବୁ ଅଞ୍ଚଳର ଲୋକ ଯୋଗ ଦେବା ପାଇଁ 'ଛ ଦେଶ' ଅଞ୍ଚଳର ଗାଁକୁ ଗାଁ ବୁଲି ପ୍ରଚାର କରାଗଲା । ଲୋକମାନେ ଡର ଭୟ ତ୍ୟାଗ କରି ଅନ୍ୟାୟ ଅତ୍ୟାଚାରର ଦୃଢ଼ ପ୍ରତିବାଦ କରିବାକୁ ବ୍ରଜ କିଶୋର ପରାମର୍ଶ ଦେଲେ । ପ୍ରତିଗ୍ରାମରେ ଗ୍ରାମ କମିଟି ଓ ସ୍ୱେଚ୍ଛାସେବକ ବାହିନୀ ଗଠନ କରି ପ୍ରଜାମଣ୍ଡଳର ସଭ୍ୟ ସଂଗ୍ରହ ଉପରେ ସେ ଗୁରୁତ୍ୱ ଦେଇଥିଲେ ।

'ଛ ଦେଶ' ପାଇଁ ଗଠିତ ପ୍ରଜାମଣ୍ଡଳର ସଭାପତି ହେଲେ ବ୍ରଜକିଶୋର । ଘନଶ୍ୟାମ ପରିଡ଼ା ଓ ଗୌର ହରି ପଣ୍ଡା ଯୁଗ୍ମ ସଂପାଦକ ଭାବେ ନିର୍ବାଚିତ ହେଲେ ।

ଏହାପରେ ପଞ୍ଚିମେଶ୍ୱର ମନ୍ଦିର ନିକଟରେ ବ୍ରଜକିଶୋରଙ୍କ ସଭାପତିତ୍ୱରେ ଆଉ ଏକ ସଭା ଅନୁଷ୍ଠିତ ହେଲା । ସେଠାରେ ଛ ଦେଶ ସମେତ ଆଠଗଡ଼ ଓ ତିଗିରିଆ ପ୍ରଭୃତି ଅଞ୍ଚଳରୁ ଦଶହଜାରରୁ ଅଧିକ

Digitized by srujanika@gmail.com

ଲୋକ ଯୋଗ ଦେଇଥିଲେ । ଧଳଙ୍କ ଗାଁ ଗଞ୍ଜେଇଡିହରୁ ଏସବୁ ସ୍ଥାନର ଦୂରତ୍ୱ ଥିଲା ଅଳ୍ପ ।

ରାଜାଙ୍କ ଚାଲ୍

ପ୍ରଜାମଣ୍ଡଳର ଶକ୍ତି ବଢୁଥିବା ଦେଖି ରାଜା ଶଙ୍କିତ ହୋଇଯାଇଥିଲେ । ବ୍ରଜକିଶୋର ପଣ୍ଡିମେଶ୍ୱର ସଭାରେ ଭାଷଣ ଦେଉଥିବାବେଳେ ରାଜାଙ୍କର ଜଣେ ଦୂତ ସେଠାରେ ପହଞ୍ଚି ରାଜା ତାଙ୍କୁ ଡକାଇଥିବା ଜଣାଇଲେ । ତା' ପରଦିନ ବ୍ରଜକିଶୋର ତାଙ୍କର କେତେକ ସହକର୍ମୀଙ୍କ ସଙ୍ଗେ ରାଜ ନଅରରେ ପହଞ୍ଚିଲେ । ସେଠାରେ ଅନ୍ୟ ଗଡ଼ଜାତର କେତେକ ରାଜା ମଧ୍ୟ ଉପସ୍ଥିତ ଥିଲେ । ରାଜା ଶଙ୍କର ପ୍ରତାପ ବ୍ରଜକିଶୋରଙ୍କୁ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ପ୍ରବର୍ତ୍ତାଇଲେ । ସେ ଆନ୍ଦୋଳନରୁ ଓହରିଗଲେ, ତାଙ୍କୁ ଉଚ୍ଚ ପଦବୀରେ ନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଲେ । ତାଙ୍କ କଥା ନ ମାନିଲେ ପରିଣାମ ଭୟାବହ ହେବ ବୋଲି ଧମକ ଦେଲେ । ବ୍ରଜକିଶୋର ରାଜାଙ୍କ ପ୍ରସ୍ତାବ ଉପରେ କୌଣସି ମନ୍ତବ୍ୟ ନ ଦେଇ ଫେରିଆସିଲେ । ସେହି ସମୟରେ ଢେଙ୍କାନାଳର ଅନ୍ୟ ଅଞ୍ଚଳର ପ୍ରଜାମଣ୍ଡଳ ନେତାମାନେ ମଧ୍ୟ ରାଜାଙ୍କୁ ସାକ୍ଷାତ କରିବାକୁ ଡକରା ପାଇ ଆସିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ପରଜଙ୍ଗ ଅଞ୍ଚଳର ବିଶିଷ୍ଟ ନେତା ମହେଶ୍ୱର ସୁବାହୁ ସିଂହ ।

ତା' ପରେ ପ୍ରଜାମଣ୍ଡଳ ନେତାମାନଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ଚାଲିଲା । ଆନ୍ଦୋଳନକୁ ବ୍ୟାପକତର କରିବାକୁ ସେମାନେ ନିଷ୍ପତ୍ତି ନେଲେ ।

Digitized by srujanika@gmail.com

ରାଜା ଲୋକମାନଙ୍କୁ ଠକିବା ପାଇଁ ଏକ ସମାନ୍ତରାଳ ଅନୁଷ୍ଠାନ 'ପ୍ରଜାସର୍ଭ' ଗଠନ କଲେ । କେତେକ କର ଟିକସରେ ରିହାତି ଘୋଷଣା କଲେ । ଏହାର ଅସଲ ଉଦ୍ଦେଶ୍ୟ ଯେ, ଲୋକଙ୍କୁ ପ୍ରଜାମଣ୍ଡଳ ଆନ୍ଦୋଳନରୁ ଦୂରେଇ ରଖିବା, ଏକଥା ଢେଙ୍କାନାଳବାସୀ ଭଲ ଭାବେ ବୁଝି ପାରିଥିଲେ ।

ଓ୍ୱାଉଖମା ପ୍ରଜାମଣ୍ଡଳ ହାଟ

ବ୍ରଜକିଶୋରଙ୍କ ଉଦ୍ୟମରେ ଓ୍ୱାଉଖମାରେ ପ୍ରଜାମଣ୍ଡଳ ପକ୍ଷରୁ ଏକ ହାଟ ବସାଗଲା । ରାଜ ଶାସନ ସହ ଅସହଯୋଗ କରିବାର ଏହା ଏକ ନଜିର । ରାଜକର୍ମଚାରୀମାନେ ହାଟର ଲୋକଙ୍କୁ ହଇରାଣ ହରକତ କରି ଅନ୍ୟାୟ ପାଉଣା ଆଦାୟ କରୁଥିଲେ । ଏହି ପ୍ରଜାମଣ୍ଡଳ ହାଟରେ କୌଣସି କର ଟିକସ ଦେବାକୁ ପଡୁ ନଥିବାରୁ ଲୋକେ ସରକାରୀ ହାଟକୁ ନଯାଇ ପ୍ରଜାମଣ୍ଡଳ ହାଟରୁ ଅବାଧରେ କିଣା ବିକା କଲେ ।

ଗ୍ରାମ କମିଟି ଗୁଡ଼ିକ ଜରିଆରେ ମାଲିମକଦ୍ଦମା ଫଇସଲା ହେଲା । ଏଣୁ ରାଜାଙ୍କ କଚେରି ଖାଲି ପଡ଼ିଲା ।

ସେତେବେଳେ ଢେଙ୍କାନାଳରେ କୌଣସି ସମ୍ବାଦପତ୍ର ପ୍ରବେଶ କରିବାକୁ ରାଜା ବେଆଇନ କରିଥିଲେ । ପ୍ରଜାମଣ୍ଡଳ ଆନ୍ଦୋଳନ ବଳରେ ଲୋକଙ୍କ ମନରେ ସାହସ ଆସିବାରୁ ସେମାନେ ''ସମାଜ'', ''କୃଷକ', ''ଲୋକମତ'' ଓ ''ଦୈନିକ ଆଶା'' ପ୍ରଭୃତି ସମ୍ବାଦ ପତ୍ର ପଢ଼ିବାର ସୁଯୋଗ ପାଇଲେ । ବିଶେଷତଃ ସାପ୍ତାହିକ 'କୃଷକ' ପତ୍ରିକା ଢେଙ୍କାନାଳ ଅତ୍ୟାଚାର ସଂପର୍କରେ ବହୁ ବିବରଣୀ ପ୍ରକାଶ କରୁଥିବାରୁ ଏହାର ପ୍ରସାର ବହୁ ଗୁଣରେ ବୃଦ୍ଧି ପାଇଥିଲା । ଏହା ବହୁ ସଂଖ୍ୟାରେ ଢେଙ୍କାନାଳକୁ ଆସୁଥିଲା ।

Digitized by srujanika@gmail.com

ରାଜାଙ୍କର ଏଭଳି କାର୍ଯ୍ୟ ବିରୁଦ୍ଧରେ ପ୍ରଜାମଣ୍ଡଳ ପକ୍ଷରୁ ରାଜ୍ୟ ସାରା ପ୍ରତିବାଦ ସଭା ଆୟୋଜନ କରାଗଲା । ବ୍ରଜକିଶୋର ଓ୍ୱାଉଖମା ହାଟରେ ପ୍ରତିବାଦ ସଭା କରାଇଲେ । 'ଛ' ଦେଶ', ଆଠଗଡ଼, ତିଗିରିଆ ଓ ହିନ୍ଦୋଳରୁ ହଜାର ହଜାର ଲୋକ ଏଠାରେ ସମବେତ ହେଲେ । ବ୍ରଜ କିଶୋର ଏହି ସଭାରେ ସଭାପତିତ୍ୱ କରିଥିଲେ । ଜନସାଧାରଣଙ୍କ ଦାବିର ଯଥାର୍ଥତା ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ରାଜାଙ୍କ ଦମନଲୀଳାର ମୁକାବିଲା ପାଇଁ ଯେ କୌଣସି ତ୍ୟାଗ ସ୍ୱୀକାର କରିବାକୁ ଉପସ୍ଥିତ ଜନତାକୁ ସେ ଆହ୍ୱାନ ଦେଇଥିଲେ ।

ପ୍ରଥମ ଗିରଫ ଉଦ୍ୟମ

ଏହା ପରେ ପରେ ପ୍ରଜା ଆନ୍ଦୋଳନର ନେତାମାନଙ୍କୁ ଗିରଫ କରିବା ପାଇଁ ରାଜା ପରଓ୍ୱାନା ଜାରି କଲେ । ବ୍ରଜକିଶୋରଙ୍କୁ ଗିରଫ କରିବାକୁ ଜଣେ ପୋଲିସ ସବଇନ୍‌ସପେକ୍ଟରଙ୍କ ନେତୃତ୍ୱରେ ୧୫ ଜଣ ସଶସ୍ତ୍ର ସିପାହୀ ତାଙ୍କ ଗାଁ ନିକଟ ଭାପୁରଠାରେ ପହଞ୍ଚିଲେ । ଏ ଖବର ଚାରିଆଡ଼େ ବ୍ୟାପିଯିବାରୁ ବିଭିନ୍ନ ଗ୍ରାମରୁ ହଜାର ହଜାର ଲୋକ ତାଙ୍କ ଗାଁରେ ପହଞ୍ଚି ତାଙ୍କୁ ଗିରଫ କରାଇ ନ ଦେବାକୁ ଗାଁକୁ ଘେରାଉ କରି ରହିଲେ ।

ବ୍ୟାପକ ଗିରଫଦାରୀ ଓ ଗୁଳିକାଣ୍ଡ

୧୯୩୮ ମସିହାର ଶେଷ ଭାଗ ଓ ୧୯୩୯ ମସିହାର ପ୍ରଥମ ଭାଗରେ ଢେଙ୍କାନାଳବାସୀ ବ୍ୟାପକ ଆତଙ୍କ ରାଜତ୍ୱର ଶିକାର ହୋଇଥିଲେ । ବ୍ୟାପକ ଗିରଫଦାରୀ ସାଙ୍ଗକୁ ପୋଲିସର ଦମନଲୀଳା, ଜେଲ୍‌ଦଣ୍ଡ,

Digitized by srujanika@gmail.com

ଅର୍ଥଦଣ୍ଡ, ଘରପୋଡ଼ି ଓ ନାରୀଧର୍ଷଣ ଯୋଗୁ ଲୋକେ ଅତିଷ୍ଠ ହୋଇ ଉଠିଲେ ।

ଢେଙ୍କାନାଳ ନିକଟବର୍ତ୍ତୀ ଅଳସୁଆ ହାଟରେ ପ୍ରଜାମଣ୍ଡଳର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେଲା । ରାଜା ଅନେକ ନେତାଙ୍କୁ ଗିରଫ କଲେ । ରାଜାଙ୍କ ପୋଲିସ୍ ପ୍ରଥମ ଥର ଲୋକମାନଙ୍କ ଉପରେ ଗୁଳି ଚାଳନା କଲେ । ଏହି ସଭାରେ ବ୍ରଜକିଶୋର ଉପସ୍ଥିତ ନଥିଲେ । ମାତ୍ର ତାଙ୍କ ନିକଟକୁ ସ୍ୱତନ୍ତ୍ର ଦୂତ ଯାଇ ଗାଁରେ ଖବର ଦେବାରୁ ଅସୁସ୍ଥତା ସତ୍ତ୍ୱେ ସେ ଢେଙ୍କାନାଳ ଅଭିମୁଖେ ଆସିଥିଲେ । ବ୍ରଜକିଶୋରଙ୍କ ନେତୃତ୍ୱରେ 'ଛ' ଦେଶ'ର ଲୋକେ ଢେଙ୍କାନାଳରେ ପହଞ୍ଚିବା ଖବର ଶୁଣି ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ହଜାର ହଜାର ସଂଖ୍ୟାରେ ସ୍ତ୍ରୀ ପୁରୁଷ

Digitized by srujanika@gmail.com

ଆସି ସମବେତ ହେଲେ । ଏପରି ପରିସ୍ଥିତି ଦେଖି ରାଜା ଓ ତାଙ୍କ କର୍ମଚାରୀମାନେ ଅତ୍ୟନ୍ତ ଭୟଭୀତ ହୋଇ ଯାଇଥିଲେ ।

ବ୍ରଜକିଶୋରଙ୍କୁ ସାକ୍ଷାତ କରି ଆଲୋଚନା କରିବା ନିମନ୍ତେ ରାଜା ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ ବି.ବି. ବର୍ମନଙ୍କୁ ପଠାଇଲେ । ମାତ୍ର ଲୋକେ ତାଙ୍କୁ ବ୍ରଜକିଶୋରଙ୍କ ନିକଟକୁ ଛାଡ଼ି ନଥିଲେ । ଶେଷରେ ଏସ୍.ପି. ଉତ୍ତେଜନା ହ୍ରାସ କରି ସମାଧାନର ପନ୍ଥା ବାହାର କରିବାକୁ ତାଙ୍କୁ ପରାମର୍ଶ ମାଗିଲେ । ସବୁ ଗିରଫ ନେତାମାନଙ୍କୁ ତୁରନ୍ତ ଖଲାସ କରିଦେବାକୁ ପ୍ରସ୍ତାବ ଦେଲେ । ଫଳରେ ସେଦିନ ରାତି ଦଶଟା ବେଳକୁ ପ୍ରଜାମଣ୍ଡଳର ନେତା ଓ କର୍ମୀମାନଙ୍କୁ ଖଲାସ କରି ଦିଆଗଲା । ପରିସ୍ଥିତି ଶାନ୍ତ ପଡ଼ିଲା ।

ନେତାମାନଙ୍କ ଆଗମନ

ଢେଙ୍କାନାଳ ଗୁଳିକାଣ୍ଡର ଖବର ପାଇ ରାଜ୍ୟର ତୁଙ୍ଗ ନେତାମାନେ ତା' ପରଦିନ ସେଠାରେ ପହଞ୍ଚିଥିଲେ । ସେମାନଙ୍କ ଆଗମନ ଲୋକଙ୍କୁ ଦ୍ୱିଗୁଣ ଉତ୍ସାହିତ କରିଥିଲା । କଟକରୁ ତାଳଚେର ଟ୍ରେନରେ ସାରଙ୍ଗଧର ଦାସ, ନବକୃଷ୍ଣ ଚୌଧୁରୀ, ଭଗବତୀ ପାଣିଗ୍ରାହୀ ଓ ହରେକୃଷ୍ଣ ମହତାବ ପ୍ରମୁଖ ପହଞ୍ଚିଲେ । ସେଠାରେ ଆୟୋଜିତ ସଭାରେ ନେତାମାନେ ଶାନ୍ତି ଶୃଙ୍ଖଳା ସହ ଆନ୍ଦୋଳନ ଚଳାଇବାକୁ ପରାମର୍ଶ ଦେଲେ ।

ଏହା ପରେ ମହେଶ୍ୱର ସୁବାହୁ ସିଂହ, ବ୍ରଜକିଶୋର ଓ ଅନ୍ୟମାନଙ୍କ ନେତୃତ୍ୱରେ ଏକ ବିରାଟ ପଟୁଆର ଢେଙ୍କାନାଳ ସହର ପରିକ୍ରମା କରିଥିଲା । ବ୍ରଜକିଶୋରଙ୍କ ସହ ଆସିଥିବା 'ଛ'ଦେଶ', ଆଠଗଡ଼ ଓ ତିଗିରିଆର ପ୍ରଜାମଣ୍ଡଳ କର୍ମୀମାନେ ମଧ୍ୟ ପଟୁଆର ସାରି ନିଜ ନିଜ ଅଞ୍ଚଳକୁ ବିଭିନ୍ନ ସ୍ଲୋଗାନ ଦେଇ ଆନନ୍ଦ ଉଲ୍ଲାସରେ ଫେରିଥିଲେ ।

Digitized by srujanika@gmail.com

ଏହି ଘଟଣା ପରେ ରାଜା ପ୍ରଜାମଣ୍ଡଳ ଆନ୍ଦୋଳନକୁ ପୂରାମାତ୍ରାରେ ଦମନ କରିବା ପାଇଁ ଯୋଜନା କରିଥିଲେ । ସେ ପ୍ରଜାମଣ୍ଡଳ ନେତାମାନଙ୍କ ସଙ୍ଗେ ଆଲୋଚନା କରି ଆଉ କେତେକ ରିହାତି ଦେବେ ବୋଲି ଘୋଷଣା କଲେ । ଆଲୋଚନା ଅସଂପୂର୍ଣ୍ଣ ରହିଲା । ପ୍ରଜାମଣ୍ଡଳକୁ ରାଜା ସ୍ୱୀକୃତି ଦେଲେ । ମାତ୍ର ଇତି ମଧ୍ୟରେ ରାଜ୍ୟ ବାହାରୁ ସାମରିକ ବାହିନୀକୁ ଡକାଇଲେ । ରାଜାଙ୍କ ଅନୁରୋଧ କ୍ରମେ ଅନ୍ୟ ରାଜ୍ୟରୁ ଦୁଇ ଶହ ଓ ଗୋରା ସୈନ୍ୟ ତିନି ଶହ ୧୯୩୮ ସେପ୍ଟେମ୍ବର ୧୪ ତାରିଖ ଠାରୁ ୨୦ ତାରିଖ ମଧ୍ୟରେ ଢେଙ୍କାନାଳରେ ପହଞ୍ଚିଲେ । ଏହାପରେ ସେପ୍ଟେମ୍ବର ୨୨ ତାରିଖରୁ ଆରମ୍ଭ ହେଲା ରାଜାଙ୍କ ଆତଙ୍କରାଜ । ରାଜା ପ୍ରଜାମଣ୍ଡଳକୁ ବେଆଇନ ଘୋଷଣା କଲେ । ପ୍ରଜାମଣ୍ଡଳ ଅଫିସଗୁଡ଼ିକ ଉପରେ ଚଢ଼ାଉ କରି ଆସବାବ ପତ୍ର ଭାଙ୍ଗିଦିଆଗଲା । ପ୍ରଜାମଣ୍ଡଳ ନେତାମାନଙ୍କୁ ବ୍ୟାପକ ଭାବେ ଗିରଫ କରାଗଲା ।

ପରଜଙ୍ଗ ଅଞ୍ଚଳର ବହୁ ଗ୍ରାମରେ ପଲିଟିକାଲ ଏଜେଣ୍ଟ ବେଜଲଗେଟ୍‌ଙ୍କ ଉପସ୍ଥିତିରେ ଗୃହ ଦାହ ଓ ନାରୀ ଧର୍ଷଣ କରାଗଲା । ସେମାନଙ୍କ ମଧ୍ୟରୁ ଅନେକ କ୍ଷତବିକ୍ଷତ ଅବସ୍ଥାରେ ଅନୁଗୁଳ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହେଲେ । ଏହିଭଳି ଅନେକ ଘୃଣ୍ୟ ଓ ହୃଦୟ ବିଦାରକ ଦୃଶ୍ୟ ଓ ଆତଙ୍କରାଜର ନଗ୍ନ ସ୍ୱରୂପ ଅନ୍ୟତ୍ର ଦେଖାଯାଏ ନାହିଁ ।

ଲୋକେ ଢେଙ୍କାନାଳ ଛାଡ଼ିଲେ

ବ୍ରଜ ସୁନ୍ଦର ଢେଙ୍କାନାଳକୁ ଗୋରା ଓ କଳା ଫୌଜ ଆସୁଥିବା ଏବଂ ରାଜା ପ୍ରତିଶୋଧ ପରାୟଣ ହୋଇ ଆତଙ୍କ ରାଜ ଚଳାଇବା

Digitized by srujanika@gmail.com

ଯୋଜନା ସଂପର୍କରେ ନବକୃଷ୍ଣ ଚୌଧୁରୀ ଓ ସାରଙ୍ଗଧର ଦାସ ପ୍ରଭୃତି ପ୍ରଜାମଣ୍ଡଳ ନେତାମାନଙ୍କ ନିକଟକୁ ଗୋପନରେ ଖବର ଦେଇଥିଲେ । ଲୋକେ ଢେଙ୍କାନାଳ ଛାଡ଼ି ନିକଟବର୍ତ୍ତୀ ମୋଗଲବନ୍ଦୀ ଅଞ୍ଚଳକୁ ପଳାଇବାକୁ ପ୍ରଜାମଣ୍ଡଳକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ତଦନୁଯାୟୀ ପ୍ରଜାମଣ୍ଡଳର ନେତା ଓ କର୍ମୀମାନେ ଅନ୍ୟ ଲୋକମାନଙ୍କୁ ସାଙ୍ଗରେ ଧରି ଢେଙ୍କାନାଳରୁ ବାହାରିପଡ଼ିଲେ ।

ଅନୁଗୋଳର ବୁଢ଼ାପଙ୍କ, ସୁକିନ୍ଦାର କଲାଣ୍ଡୋ ଓ ବାଙ୍କୀ ଘୋଳପୁରଠାରେ ତିନିଗୋଟି ଆଶ୍ରୟ ଶିବିର ପ୍ରତିଷ୍ଠିତ ହୋଇଥିଲା । ଏହି ଶିବିରଗୁଡ଼ିକରେ ପ୍ରାୟ ଲକ୍ଷାଧିକ ଲୋକ ଆଶ୍ରୟ ନେଇଥିଲେ ।

ବ୍ରଜକିଶୋର ବାଙ୍କୀ ଘୋଳପୁର ଶିବିର ପରିଚାଳନାର ଦାୟିତ୍ୱରେ ଥିବାବେଳେ ମହେଶ ଚନ୍ଦ୍ର ସୁବାହୁ ସିଂହ ବୁଢ଼ାପଙ୍କ ଓ ବୈଷ୍ଣବ ପଟ୍ଟନାୟକ ପ୍ରମୁଖ କଲାଣ୍ଡୋ ଶିବିରର ଦାୟିତ୍ୱ ନେଇଥିଲେ ।

ବ୍ରଜକିଶୋରଙ୍କ ଘରେ ସୈନ୍ୟ ଛାଉଣୀ

ଢେଙ୍କାନାଳର ପ୍ରମୁଖ ପ୍ରଜାମଣ୍ଡଳ ନେତା ଓ କର୍ମୀ ଏବଂ ଅତ୍ୟାଚାରିତ ଅନ୍ୟ ଲୋକମାନେ ନିଜ ଭିଟାମାଟି ଛାଡ଼ି ମୋଗଲବନ୍ଦୀ ଅଞ୍ଚଳରେ ଆଶ୍ରୟ ନେଇଥିଲାବେଳେ, ରାଜାଙ୍କର ସାମରିକ ବାହିନୀ, ପୋଲିସ୍ ଓ ଗୁଣ୍ଡାଦଳ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରିଦେଲେ ।

ପରଜଙ୍ଗ ଅଞ୍ଚଳରେ ଗୋରା ଫଉଜ ପ୍ରଥମେ ପହଞ୍ଚି ହାତୀ ଲଗାଇ ସୁବାହୁ ସିଂହଙ୍କ ଘର ଭାଙ୍ଗିଦେଲେ । ବେଜଲଗେଟ୍‌ଙ୍କ ନେତୃତ୍ୱରେ କୁଆଲୋ ଓ ମାଣିକମରା ଗ୍ରାମରେ ସ୍ପଷ୍ଟ ଦିବାଲୋକରେ ସ୍ୱାମୀ ଓ

Digitized by srujanika@gmail.com

ପୁତ୍ରଙ୍କ ଉପସ୍ଥିତିରେ ନାରୀ ଧର୍ଷଣ କରାଗଲା । ଅନେକ ଗ୍ରାମ ପୋଡ଼ି ଛାରଖାର କରି ଦିଆଗଲା ।

ତା' ପରେ ବେଜ୍ଜଲଗେଟଙ୍କ ଦୃଷ୍ଟି ବ୍ରଜକିଶୋରଙ୍କ ଗଞ୍ଜେଇଡିହ ଗ୍ରାମ ଉପରେ ପଡ଼ିଲା । ସେ ଶହ ଶହ ଗୋରା ଫଉଜ ଓ ଗୁଣ୍ଡାଙ୍କୁ ଧରି ସେପ୍ଟେମ୍ବର ୨୪ ତାରିଖ ସକାଳ ଦଶଟା ବେଳେ ସେଠାରେ ପହଞ୍ଚିଲେ । ପ୍ରଥମେ ଗାଁକୁ ଘେରାଉ କରିନେଲେ । ଗାଁରେ ସେତେବେଳେ କେତେକ ଅକର୍ମଣ୍ୟ ଓ ବୃଦ୍ଧଙ୍କୁ ଛାଡ଼ି ଅନ୍ୟମାନେ ସମସ୍ତେ ଘୋଳାପୁର ଶିବିରକୁ ପଳାଇଥାନ୍ତି । ଗାଁ ଭିତରେ ଗୋରା ଫଉଜ ଫାଙ୍କା ଗୁଳି ଫୁଟାଇଲେ ଓ ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଦୁଇଥର ମାର୍ଚ୍ଚିଙ୍ଗ୍ କଲେ । କାନ୍ଥ ବାଡ଼ରେ ପ୍ରଜାମଣ୍ଡଳ ସ୍ଲୋଗାନ ଲେଖାଯାଇ ଥିବାରୁ ସେଗୁଡ଼ିକୁ ଗୁଳି ଫୁଟାଇ ନଷ୍ଟ କରିଦେଲେ । ଗଙ୍ଗାଧର ମିଶ୍ର ସେତେବେଳେ ଢେଙ୍କାନାଳ ପୋଲିସ୍ ବିଭାଗର ମୁଖ୍ୟ ଥିଲେ । ସେ ମଧ୍ୟ ବେଜ୍ଜଲଗେଟଙ୍କ ସଙ୍ଗେ ଗଞ୍ଜେଇଡିହ ଯାଇଥିଲେ । ବ୍ରଜକିଶୋରଙ୍କ ସଂପର୍କରେ ସବିଶେଷ ତଥ୍ୟ ସେ ବେଜ୍ଜଲଗେଟଙ୍କୁ ଜଣାଇଲେ । ହାତୀ ଘୋଡ଼ା ଧରି ପୋଲିସ୍ ଜଗି ରହିଥିବାବେଳେ ବେଜ୍ଜଲଗେଟ ଅନ୍ୟମାନଙ୍କୁ ସାଙ୍ଗରେ ନେଇ ବ୍ରଜକିଶୋରଙ୍କ ଘରେ ପ୍ରବେଶ କଲେ । କାଳେ କିଏ କେଉଁଠି ଲୁଚି ଛପି ରହିଥିବ, ସେଥି ସକାଶେ ଅତି ସତର୍କତା ସହ ଭିତରକୁ ଚାଲିଲେ । ହାତରେ ରିଭଲ୍‌ଭର । ବ୍ରଜକିଶୋରଙ୍କ ସମସ୍ତ ଘର ତନ୍ନ ତନ୍ନ କରି ଖାନ ତଲାସ କରାଗଲା । ସବୁ କୋଠରିର ତାଲା ଭାଙ୍ଗି ଭିତରେ ପଶିଲେ । ଟ୍ରଙ୍କ, ସୁଟ୍‌କେଶ୍ ତାଲା ଭାଙ୍ଗି ଜିନିଷ ପତ୍ର ଏଣେ ତେଣେ ଫୋପାଡ଼ି ଦେଲେ । ଘୋଡ଼ା ଚଢ଼ିଥିବା ଜଣେ ପୋଲିସ୍ ଅଫିସରଙ୍କ

Digitized by srujanika@gmail.com

ଫଟୋ ଦେଖି ବେଢଲଗେଟ ଚକିତ ହୋଇଗଲେ । ସେ କିଏ ବୋଲି ଗଙ୍ଗାଧର ମିଶ୍ରଙ୍କୁ ପଚାରିଲେ । ସେ ଫଟୋଟି ବ୍ରଜକିଶୋରଙ୍କର ବୋଲି ଜାଣି ପ୍ରଥମେ ତାକୁ ତଳେ ପକାଇଦେଲେ ଓ ପରେ ଚିନ୍ତା କରି ଯଥା ସ୍ଥାନରେ ରଖିଲେ । ତାଙ୍କ ଘରୁ ଅନେକ ମୂଲ୍ୟବାନ ଜିନିଷ ନେଇ ଗଲେ । କାଗଜ ପତ୍ର ନଷ୍ଟ କରିଦେଲେ । ବ୍ରଜକିଶୋରଙ୍କ ଘରେ ଦୁଇ ଦଳ ସିପାହୀ ଦୁଇଜଣ ସବଇନସପେକ୍ଟରଙ୍କ ତତ୍ତ୍ୱାବଧାନରେ ରଖି ସେ ଦିନ ରାତି ୨୪ ଘଣ୍ଟା ପହରାର ବ୍ୟବସ୍ଥା କଲେ ।

ପ୍ରଜାମଣ୍ଡଳ ନେତାମାନେ ମୋଗଲବନ୍ଦୀ ଅଞ୍ଚଳର ଆଶ୍ରୟ ପ୍ରାର୍ଥୀଙ୍କୁ ଦଳ ଦଳ କରି ସତ୍ୟାଗ୍ରହୀ ରୂପେ ଢେଙ୍କାନାଳକୁ ପଠାଇଲେ । ସେମାନେ ଲୁଚି ଛପି ଆସି ପ୍ରଜାମଣ୍ଡଳ ଓ ମହାତ୍ମା ଗାନ୍ଧିଙ୍କ ଜୟ ଧ୍ୱନି କରି ଗିରଫ ହେଉଥିଲେ । ବ୍ରଜକିଶୋର ଘୋଳପୁର ଶିବିରରୁ ପ୍ରଥମେ ସତ୍ୟାଗ୍ରହୀଦଳଙ୍କୁ ପଠାଇଥିଲେ । ମାତ୍ର ଗୋରା ଫଉଜ ଓ କଳା ସିପାହୀମାନେ ସେମାନଙ୍କୁ ଦମନ କରିବା ଉଦ୍ଦେଶ୍ୟରେ ପ୍ରବଳ ଅତ୍ୟାଚାର କରିବାରୁ କିଛି ଦିନପରେ ଏହି ସତ୍ୟାଗ୍ରହ ବନ୍ଦ କରି ଦିଆଯାଇଥିଲା ।

ପ୍ରଜାମଣ୍ଡଳ ଆନ୍ଦୋଳନକୁ ସମର୍ଥନ କରି ଢେଙ୍କାନାଳ ବାହାରୁ ମଧ ସତ୍ୟାଗ୍ରହୀ ଦଳ ପ୍ରଥମେ ନବକୃଷ୍ଣ ଚୌଧୁରୀଙ୍କ ନେତୃତ୍ୱରେ ୧୯୩୮ ଡିସେମ୍ବର ୩ ତାରିଖରେ ଢେଙ୍କାନାଳ ଯାଇଥିଲେ । ପରେ ପରେ ଭଗବତୀ ପାଣିଗ୍ରାହୀ, ଗୋକୁଳଚନ୍ଦ୍ର ରାୟ ଚୂଡ଼ାମଣି, ଗୌରାଙ୍ଗ ଚରଣ ଦାସ ଓ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ ।

Digitized by srujanika@gmail.com



ଗୋରା ଫଉଜ ଢ଼େଙ୍କାନାଳର ଅନେକ ସ୍ଥାନରେ ଗୁଳି ଚଳାଇଥିଲେ । ଅକ୍ଟୋବର ୧୦ ତାରିଖ ରାତି ଅଧରେ ଭୁବନରେ ଅତର୍କିତ ଭାବେ ଗୁଳି ଚଳା ଯାଇଥିଲା ।

ନୀଳକଣ୍ଠପୁର ଗୁଳିଚାଳନାରେ ଅନ୍ୟମାନଙ୍କ ସହ ୧୨ ବର୍ଷର ବାଳକ ବାଜିରାଉତ ଟଳି ପଡ଼ିଥିଲା । ସହିଦ୍ ବାଜିରାଉତ ଘଟଣା ସାରା ଦେଶରେ ଚହଳ ପକାଇ ଦେଇଥିଲେ । ଅକ୍ଟୋବର ସତର ତାରିଖରେ ହିନ୍ଦୋଳ ରୋଡ଼ରେ ଗୁଳି ଚାଲିଲା । ମୋଟ ୨୦ ଜଣ ଲୋକ ପ୍ରାଣ ହରାଇଲେ । ବହୁଲୋକ ଆହତ ହୋଇ ଅକର୍ମଣ୍ୟ ହୋଇଗଲେ ।

ପ୍ରଜାମଣ୍ଡଳ ନେତା ବ୍ରଜକିଶୋର ଧଳ, ମହେଶ୍ୱର ସୁବାହୁ ସିଂ, ଶ୍ରୀକାନ୍ତ ରାଉତ ଓ ବୈଷ୍ଣବ ଚରଣ ପଟ୍ଟନାୟକ ପ୍ରମୁଖ ୩୦ ଜଣଙ୍କୁ

Digitized by srujanika@gmail.com

ପଳାତକ ଘୋଷଣା କରାଯାଇଥିଲା । ସେମାନଙ୍କୁ ଧରାଇ ଦେଲେ ପୁରସ୍କାର ମିଳିବାର ବ୍ୟବସ୍ଥା କରାଯାଇଥିଲା ।

ବ୍ରଜକିଶୋର ବାଙ୍କୀର ଘୋଳପୁର ଶିବିର ପରିଚାଳନା କରୁଥିବାବେଳେ ଢେଙ୍କାନାଳ ରାଜା ତାଙ୍କ ନାମରେ ମିଥ୍ୟା ମକଦ୍ଦମା ଦାଏର କରିଥିଲେ । ତାଙ୍କୁ ରାଜ୍ୟ ବାହାରୁ ଗିରଫ କରିବାକୁ ପରଓ୍ୱାନା ଜାରି ହୋଇଥିଲା । ବାଙ୍କୀ ପୋଲିସ ତାଙ୍କୁ ଘୋଳପୁରଠାରେ ଗିରଫ କଲେ ଓ ବାଙ୍କୀ ଜେଲ୍‌ରେ ରଖିଲେ । ପରେ ତାଙ୍କୁ କଟକ ଜେଲକୁ ସ୍ଥାନାନ୍ତରିତ କରାଯାଇଥିଲା ।

ଘୋଳପୁର ଶିବିର

ଢେଙ୍କାନାଳ ଶାସନର ଅତ୍ୟାଚାର ସମ୍ଭାଳି ନ ପାରି ମୋଗଲବନ୍ଦୀ ଅଞ୍ଚଳକୁ ପଳାଇ ଆସିଥିବା ଲୋକଙ୍କ ପାଇଁ ଯେଉଁ ଶିବିରମାନ ସ୍ଥାପନ କରାଯାଇଥିଲା, ସେଥିମଧ୍ୟରୁ ଗୋଟିଏ ଥିଲା ବାଙ୍କୀ ନିକଟବର୍ତ୍ତୀ ଘୋଳପୁର ଶିବିର । ଏହି ଶିବିରରେ ମୁଖ୍ୟତଃ 'ଛ ଦେଶ', ଆଠଗଡ଼ ଓ ତିଗିରିଆର ଲୋକମାନେ ଆଶ୍ରୟ ନେଇଥିଲେ । କେତେକ ଗର୍ଭବତୀ ମହିଳା ଘୋଳପୁର ଗ୍ରାମବାସୀଙ୍କ ବାରଣ୍ଡା ଓ ଗୁହାଳ ଘରେ ସନ୍ତାନ ପ୍ରସବ କରିଥିଲେ । ଏକ ସମୟରେ ୧୦ ହଜାରରୁ ଅଧିକ ଲୋକ ଏଠାରେ ଆଶ୍ରୟ ନେଉଥିଲେ ।

ସେତେବେଳେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିଲେ ବିଶ୍ୱନାଥ ଦାସ । ବାଙ୍କୀର ଡେପୁଟି ମାଜିଷ୍ଟ୍ରେଟଙ୍କୁ ଆଶ୍ରୟପ୍ରାର୍ଥୀମାନଙ୍କୁ ସାହାଯ୍ୟ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ ।

କେବଳ ଶିବିର ପରିଚାଳନା କାର୍ଯ୍ୟରେ ବ୍ରଜକିଶୋରଙ୍କ ଦାୟିତ୍ୱ ସରି ନଥିଲା । ସେ ଏହି ଶିବିରକୁ ଏକ ଗରିଲା ଯୁଦ୍ଧ କେନ୍ଦ୍ରରେ ପରିଣତ

Digitized by srujanika@gmail.com

କରିଥିଲେ । ସ୍ୱେଚ୍ଛାସେବକମାନଙ୍କୁ ସେ ଆଗରୁ ତାଲିମ ଦେଇଥିଲେ । ଏହି ସ୍ୱେଚ୍ଛାସେବକମାନେ ଲୁଚି ଛପି ରାତିରେ ଢେଙ୍କାନାଳ, ଆଠଗଡ଼ ଓ ତିଗିରିଆରେ ପ୍ରଜାମଣ୍ଡଳ ଆନ୍ଦୋଳନ ସଂପର୍କୀୟ ପ୍ରଚାରପତ୍ର 'ରଣଭେରୀ' ଓ 'ରଣଡାକ' ବାଣ୍ଟୁଥିଲେ । ରାଜ ଅତ୍ୟାଚାରର କିଭଳି ମୁକାବିଲା କରାଯିବ ସେଥିପାଇଁ ସେମାନେ ମଧ୍ୟ ପରାମର୍ଶ ଦେଉଥିଲେ । ବ୍ରଜକିଶୋର ଏଭଳି ଦୁଃସାହସିକ କାର୍ଯ୍ୟରେ ଯୋଗ ଦେଇ ବହୁ ବିପଦର ସମ୍ମୁଖୀନ ହୋଇଥିଲେ ।

'ଛ ଦେଶ' ଲାଲବାହିନୀର ପ୍ରତିଷ୍ଠାତା

ଯୁବ ଶକ୍ତିକୁ ସଂଗଠିତ କରି ଉପଯୁକ୍ତ ମାର୍ଗରେ ପରିଚାଳନା କରିବା ଯେ କୌଣସି ନେତୃତ୍ୱର ପ୍ରଧାନ ମାପକାଠି । ବ୍ରଜକିଶୋରଙ୍କ ନେତୃତ୍ୱର ପରାକାଷ୍ଠା ପ୍ରମାଣିତ ହୋଇଥିଲା 'ଛ ଦେଶ' ଲାଲବାହିନୀ ଗଠନରେ । ସେ ଅନୁଭବ କରିଥିଲେ ଯେ, ପ୍ରଜାମଣ୍ଡଳ ଆନ୍ଦୋଳନର ସଫଳତା ପାଇଁ ଏକ ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ ସଂଗଠନ ନିତାନ୍ତ ଆବଶ୍ୟକ । ସେ ପ୍ରଥମେ ତାଙ୍କ ନିଜ ଗାଁ ଗଞ୍ଜେଇଡିହର ୪୦ ଜଣ ଯୁବକଙ୍କୁ ନେଇ ଏହି ସ୍ୱେଚ୍ଛାସେବକ ଦଳ ଗଠନ କରିଥିଲେ । ଏହାର ଦଳପତି ରହିଲେ ତାଙ୍କ କକାପୁଅ ଭାଇ ରସାନନ୍ଦ ଧଳ । ମଗୁଲି ପରିଡ଼ା ବିଗୁଲ ବାଦକ ଭାବେ ଖ୍ୟାତି ଅର୍ଜନ କରିଥିଲେ ।

ଏହି ସ୍ୱେଚ୍ଛାସେବକ ବାହିନୀର ପୋଷାକ ଥିଲା ଧଳା ହାଫ୍ ପ୍ୟାଣ୍ଟ, ଖଇରା ହାଫ ସାର୍ଟ ଓ ଗାନ୍ଧି ଟୋପି । ପାଞ୍ଚଫୁଟ ଉଚ୍ଚର ଲାଠି ଧରି ସେମାନେ ପ୍ରତିଦିନ ମାର୍ଚ୍ଚିଙ୍ଗ କରୁଥିଲେ ଉତ୍ତେଜନା ପୂର୍ଣ୍ଣ ଜାତୀୟ ସଂଗୀତ

Digitized by srujanika@gmail.com

ସହ ତାଳ ମିଶାଇ । ଗାନ୍ଧିଜୀଙ୍କ ପ୍ରଦର୍ଶିତ ଅହିଂସା ନୀତି ପାଳନ କରିବା ସହିତ ମାଦକ ଦ୍ରବ୍ୟ ସେବନରୁ ବିରତ ହେବା, ଗ୍ରାମ ସଫେଇ ଓ ଅସ୍ପୃଶ୍ୟତା ନିବାରଣ ପ୍ରଭୃତି କାର୍ଯ୍ୟକ୍ରମ ସଂପର୍କରେ ସେମାନଙ୍କୁ ତାଲିମ୍ ଦିଆଯାଇଥିଲା । ପ୍ରତିଦିନ ସେମାନଙ୍କୁ ଡ୍ରିଲ୍ ଶିକ୍ଷା ଦିଆଯାଉଥିଲା । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସବୁଶ୍ରେଣୀର ଯୁବକଙ୍କୁ ସ୍ୱେଚ୍ଛାସେବକ ବାହିନୀରେ ଗ୍ରହଣ କରାଯାଇଥିଲା । ଜଣେ ହରିଜନ ଯୁବକ କାହ୍ନୁଚରଣ ନାୟକ ସ୍ୱେଚ୍ଛାସେବକ ବାହିନୀର ଜାତୀୟ ପତାକା ବାହକ ଥିଲେ ।

କ୍ରମେ କ୍ରମେ ଅନ୍ୟଗ୍ରାମର ଯୁବକମାନେ ମଧ୍ୟ ଏହି ସ୍ୱେଚ୍ଛାସେବୀ ଦଳରେ ସାମିଲ ହେଲେ । ୪୦ ଜଣରେ ଆରମ୍ଭ ହୋଇଥିବା ଲାଲ ସ୍ୱେଚ୍ଛାସେବକ ବାହିନୀର ସଂଖ୍ୟା ବାରଶହକୁ ବୃଦ୍ଧି ପାଇଲା ।

ପ୍ରଜାମଣ୍ଡଳ ଆନ୍ଦୋଳନକୁ ସକ୍ରିୟ କରିବାକୁ ଏହି ସ୍ୱେଚ୍ଛାସେବକମାନେ ଦଳ ଦଳ ହୋଇ ଢ଼େଙ୍କାନାଳ ସହରରେ ଓ ଅନ୍ୟ ଗଡ଼ଜାତରେ ପ୍ରବେଶ କରି ଜାତୀୟ ସଂଗୀତ ବୋଲି ଲୋକଙ୍କ ମଧ୍ୟରେ ଉଦ୍ଦୀପନା ସୃଷ୍ଟି କରୁଥିଲେ । ଜାତୀୟ ପତାକା ଉଡ଼ାଇ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା କରି ରାଜୁଡ଼ା ଶାସନ ବିରୁଦ୍ଧରେ ସେମାନେ ସ୍ଲୋଗାନ ଦେଉଥିଲେ । ଜନମତ ସୃଷ୍ଟି କରୁଥିଲେ ।

ଆଦିବାସୀ ହରିଜନ ସମେତ ସବୁଶ୍ରେଣୀର ଲୋକଙ୍କ ସହ ପଂକ୍ତିଭୋଜନ ହେଉଥିଲା । ବ୍ରଜକିଶୋରଙ୍କ ନେତୃତ୍ୱରେ ଢ଼େଙ୍କାନାଳ ପଣ୍ଚିମେଶ୍ୱର ଶିବ ମନ୍ଦିରରେ ହରିଜନମାନେ ପ୍ରବେଶ କରିଥିଲେ ।

Digitized by srujanika@gmail.com

ବ୍ରଜକିଶୋରଙ୍କ ଜେଲ୍ ଜୀବନ

ଢେଙ୍କାନାଳ ରାଜାଙ୍କ ପରଓ୍ୱାନା ବଳରେ ବାଙ୍କୀର ଘୋଳପୁର ଶିବିରରେ ଥିବାବେଳେ ପ୍ରଥମେ ବ୍ରଜକିଶୋରଙ୍କୁ ୧୯୩୮ ନଭେମ୍ବର ୩୦ ତାରିଖ ଦିନ ଗିରଫ କରାଗଲା । ତାଙ୍କ ବିରୁଦ୍ଧରେ ଚୋରି ଓ ଗୁଳିଖଟି ଅଭିଯୋଗ ହୋଇଥିଲା । ତାଙ୍କ ଗିରଫ ଖବର ଶୁଣି ବହୁ ଲୋକ ଜମିଗଲେ । ବ୍ରଜକିଶୋର ଉତ୍ତେଜିତ ଜନତାଙ୍କୁ ଶାନ୍ତ କରି ପୋଲିସ୍ ସହ ଯାଇ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର ହେଲେ । ତା' ପରେ ତାଙ୍କୁ ବାଙ୍କୀ ସବ୍ ଜେଲ୍‌କୁ ପଠାଇ ଦିଆଗଲା । ତାଙ୍କର କର୍ମୀ ଓ ସମର୍ଥକମାନେ ଶୋଭାଯାତ୍ରାରେ ତାଙ୍କ ସହ ଜେଲ୍ ଫାଟକ ପର୍ଯ୍ୟନ୍ତ ଯାଇଥିଲେ ।

ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିଲେ ବିଶ୍ୱନାଥ ଦାସ । ଓଡ଼ିଶା ସରକାର ରାଜାଙ୍କ ପରଓ୍ୱାନା ବଳରେ ବ୍ରଜକିଶୋରଙ୍କୁ ଗିରଫ କରି ଢେଙ୍କାନାଳ ଜେଲ୍‌କୁ ପଠାଇବାର ସେ ତୀବ୍ର ବିରୋଧ କରିଥିଲେ । ବ୍ରଜକିଶୋରଙ୍କୁ ରାଜନୈତିକ ବନ୍ଦୀ ଭାବେ ଜେଲ୍‌ରେ ରଖାଗଲା । କିଛି ଦିନ ପରେ ବାଙ୍କୀ ଜେଲ୍‌ରୁ ତାଙ୍କୁ କଟକ ଜେଲ୍‌କୁ ସ୍ଥାନାନ୍ତରିତ କରାଗଲା ।

କଟକ ଜେଲ୍‌ରେ ତାଙ୍କର ଘନିଷ୍ଠ ବନ୍ଧୁ ଓ ସହକର୍ମୀମାନେ ବିଭିନ୍ନ ଅଭିଯୋଗରେ ଗିରଫ ହୋଇ ଜେଲ୍ ଦଣ୍ଡ ଭୋଗୁଥିଲେ । ରାଜନୈତିକ ବନ୍ଦୀ ଭାବେ ବ୍ରଜକିଶୋର ଚାରିଗୋଟି ଜେଲ୍‌ରେ ପ୍ରାୟ ଦୁଇବର୍ଷ କଟାଇଥିଲେ । ତାଙ୍କ ମତରେ ''ଜେଲ୍ ଜୀବନ ଦୁଃଖଦାୟକ ହେଲେ ହେଁ ରାଜନୈତିକ ବନ୍ଦୀ ଭାବରେ ମୁଁ ଯଥେଷ୍ଟ କିଛି ଶିକ୍ଷା କରିବାର

Digitized by srujanika@gmail.com

ସୁଯୋଗ ପାଇଥିଲି ।'' ଜେଲ୍ ଭିତରେ ସେ ରାମାୟଣ, ମହାଭାରତ, ଗୀତା, ନୃସିଂହ ପୁରାଣ, ଗାନ୍ଧିଜୀ ଓ ରାଜାଜୀଙ୍କ ଗୀତା ଭାଷ୍ୟ ପଢ଼ି ସମୟ କଟାଉଥିଲେ ।

କଟକ ଜେଲରେ ସେ ୧୬ ନମ୍ବର ୱାର୍ଡରେ ରହୁଥିଲେ । ୫ ଫୁଟ ଲମ୍ବା, ୨ ଫୁଟ ଚଉଡ଼ା ଓ ଦେଢ଼ ଫୁଟ ଉଚ୍ଚର ଏକ ସିମେଣ୍ଟ ପିଣ୍ଡି ତାଙ୍କୁ ଶୋଇବାପାଇଁ ଦିଆ ଯାଇଥିଲା । ଅନ୍ୟ ବନ୍ଦୀମାନେ କମ୍ବଳ ପକାଇ ଶୋଉଥିବା ବେଳେ ରାଜନୈତିକ ବନ୍ଦୀ ଭାବରେ ସେ ନିଜ ବିଛଣା ବ୍ୟବହାର କରିପାରୁଥିଲେ ।

ସବୁଦିନ ସକାଳ ୬ଟା ବେଳେ ତାଙ୍କୁ ୱାର୍ଡରୁ ବାହାରକୁ ଛଡ଼ାଯାଉଥିଲା । ବନ୍ଦୀମାନେ ନିତ୍ୟକର୍ମ ସାରି ସକାଳ ଜଳଖିଆ ପାଇଁ ପଲମ ଧରି ଧାଡ଼ି ଧାଡ଼ି ହୋଇ ବସନ୍ତି । ସକାଳ ଜଳଖିଆରେ ଖେଚୁଡ଼ି ଓ ଖଟା ଦିଆଯାଏ । ସନ୍ଧ୍ୟା ଖାଇବା ପରେ ଘଣ୍ଟି ବାଜିଲେ ସମସ୍ତେ ୱାର୍ଡ ଭିତରେ ପଶନ୍ତି ଓ ବାହାରୁ ତାଲା ପଡ଼େ । ସପ୍ତାହରେ ଥରେ ମାଛ ବା ମାଂସ ଓ ବିରି ଡାଲି ଖାଇବାକୁ ମିଳେ । ଗୋଟିଏ ଲୁହା ପଲମ ଦିଆଯାଇଥାଏ । ସେଇଥିରେ ବନ୍ଦୀମାନେ ଖାଆନ୍ତି ଓ ପାଣି ନେଇ ପାଇଖାନାକୁ ଯାଆନ୍ତି । ରାଜନୈତିକ ବନ୍ଦୀମାନଙ୍କୁ ଲାଇବ୍ରେରୀରୁ ବହି ଆଣି ପଢ଼ିବାର ସୁଯୋଗ ମିଳେ । ସପ୍ତାହରେ ଦୁଇଖଣ୍ଡ ଚିଠି ଲେଖିବା ପାଇଁ ବି ଅନୁମତି ଥାଏ ।

କଟକ ଜେଲରେ ଥିବାବେଳେ, ବିନା ବିଚାରରେ ବହୁକାଳ ଅଟକ ରହିବାର ପ୍ରତିବାଦ କରି ସେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ଏଣୁ

Digitized by srujanika@gmail.com

ତାଙ୍କୁ ଜାମିନ୍‌ରେ ଛାଡ଼ି ଦେବା ପାଇଁ ଆଦେଶ ହେଲା । ମାତ୍ର ସେ ଢେଙ୍କାନାଳରେ ପ୍ରବେଶ କରିପାରିବେ ନାହିଁ ବୋଲି କଟକଣା ରହିଲା । ଏଣୁ କଟକ ଜେଲ୍‌ରୁ ଖଲାସ ହେଲା ପରେ ସେ ବାଙ୍କୀ ଫେରିଥିଲେ । ସେଠାରେ କିଛି ଦିନ ରହି ପରିସ୍ଥିତି ଅନୁଧ୍ୟାନ କରିଥିଲେ । କାରଣ ଢେଙ୍କାନାଳ ଗଲେ ରାଜା ତାଙ୍କୁ ମାରି ଦେଇ ପାରନ୍ତି ବୋଲି ସେ ଆଶଙ୍କା କରୁଥିଲେ ।

୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ବେଳେ ବ୍ରଜକିଶୋରଙ୍କୁ ତାଙ୍କ ଗ୍ରାମ ଗଞ୍ଜେଇଡିହରୁ ଗିରଫ କରାଯାଇଥିଲା । ଅଗଷ୍ଟ ୧୯ ତାରିଖରେ ସେ ଗିରଫ ହୋଇ ଢେଙ୍କାନାଳ ଜେଲ୍‌ରେ ରହିଲେ । ଢେଙ୍କାନାଳ ଜେଲ୍‌ରେ 'କ' ଶ୍ରେଣୀର ରାଜନୈତିକ ବନ୍ଦୀ ଭାବରେ କିଛିଟା ଅଧିକ ସୁବିଧା ସୁଯୋଗ ମିଳୁଥିଲା । ଚିଠି ପତ୍ର ଦେବା ଉପରେ କଟକଣା ଥିଲେ ମଧ୍ୟ ୧୫ ଦିନରେ ଥରେ ତାଙ୍କ ଆତ୍ମୀୟ ସ୍ୱଜନଙ୍କୁ ସାକ୍ଷାତ କରିବାର ସୁଯୋଗ ମିଳୁଥିଲା ।

୧୯୪୩ ମସିହା ଜାନୁୟାରୀ ୨୦ ତାରିଖରେ ଆଠଗଡ଼ ଜେଲ୍‌କୁ ବନ୍ଦୀ ବିନିମୟ ସୂତ୍ରରେ ତାଙ୍କର ବଦଳି ହେଲା । ସେଠା ଜେଲ୍‌ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ଆଠଗଡ଼ ଜେଲ୍‌ରେ ତାଙ୍କ ସ୍ୱାସ୍ଥ୍ୟ ଖରାପ ହେଲା । ଏଣୁ ଚିକିତ୍ସା ପାଇ ତା ୧୫.୮.୪୩ ରେ ତାଙ୍କୁ ଢେଙ୍କାନାଳ ଜେଲ୍‌କୁ ସ୍ଥାନାନ୍ତର କରି ସପ୍ତାହକ ପରେ ଛାଡ଼ି ଦିଆଯାଇଥିଲା ।

ଅନ୍ୟ ଗଡ଼ଜାତ ଆନ୍ଦୋଳନର ନେତୃତ୍ୱ

ବ୍ରଜକିଶୋର କେବଳ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ନେତା ନଥିଲେ । ପଣ୍ଡିତ ନେହେରୁ, ପଟ୍ଟାଭିସୀତାରାମାୟା, ସାରଙ୍ଗଧର

Digitized by srujanika@gmail.com

ଦାସ ଓ ନବକୃଷ୍ଣ ଚୌଧୁରୀଙ୍କ ନିର୍ଦ୍ଦେଶରେ ସେ ବଡ଼ମ୍ବା, ନରସିଂହପୁର, ଆଠଗଡ଼, ତିଗିରିଆ ଓ ହିନ୍ଦୋଳ ପ୍ରଭୃତି ଗଡ଼ଜାତର ପ୍ରଜାମଣ୍ଡଳ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏଥିପାଇଁ ସେ ବହୁ ନିର୍ଯାତନା ସହିଥିଲେ ।

୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ଗିରଫ ହେବା ପୂର୍ବରୁ ବ୍ରଜକିଶୋର ଏହି ସବୁ ଗଡ଼ଜାତମାନଙ୍କରେ ପ୍ରଜା ଆନ୍ଦୋଳନର ମୂଳଦୁଆ ପକାଇଥିଲେ । ଜେଲରୁ ଖଲାସ ହେବା ପରେ ପୁଣି ଥରେ ଆନ୍ଦୋଳନକୁ ଦୃଢ଼ କରିବା ପାଇଁ ସେ ଲାଗି ପଡ଼ିଲେ ।

ଆଠଗଡ଼ ରାଜାଙ୍କ ଅତ୍ୟାଚାର ସହି ନପାରି ଅନେକ ପ୍ରଜା ବ୍ରଜକିଶୋରଙ୍କ ଦାୟିତ୍ୱରେ ଥିବା ବାଙ୍କୀ-ଘୋଳପୁର ଶିବିରରେ ଆଶ୍ରୟ ନେଇଥିଲେ ।

ବ୍ରଜକିଶୋର ବାଙ୍କୀର ଅନୁଆରୀ ଗ୍ରାମକୁ କେନ୍ଦ୍ର କରି ନିକଟବର୍ତ୍ତୀ ଗଡ଼ଜାତ ଗୁଡ଼ିକରେ ପ୍ରଜାଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ ।

ନରସିଂହ ପୁରର ଚମ୍ପେଶ୍ୱରଠାରେ ଏକ ସଭାରେ ଉଦ୍‌ବୋଧନ ଦେଇ ପ୍ରଜାଆନ୍ଦୋଳନକୁ ଉତ୍ସାହିତ କରିବାକୁ ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଏହି ସଭାରେ ବହୁ ଜନସମାଗମ ହେବ ବୋଲି ଆଶଙ୍କା କରି ଗଣ୍ଡଗୋଳ କରିବାକୁ ରାଜା ଇଷ୍ଟର୍ଣ୍ଣ ଏଜେନ୍ସି ସୈନ୍ୟମାନଙ୍କୁ ଡକାଇଥିଲେ । ସଭାରେ ଗୋଟିଏ ପଟେ ହଜାର ହଜାର ଲୋକ ଠେଙ୍ଗା, ବାଡ଼ି ଓ ଖଣ୍ଡା ପ୍ରଭୃତି ଅସ୍ତ୍ର ଶସ୍ତ୍ର ଧରି ସୁସଜ୍ଜିତ ହୋଇ ରହିଥିବାବେଳେ ଅନ୍ୟପଟେ ସୈନ୍ୟବାହିନୀ ଗୁଳିଗୁଳା ଧରି ଆକ୍ରମଣ କରିବାକୁ ପ୍ରସ୍ତୁତ ଥିଲେ । ସଭାମଞ୍ଚ ଉପରକୁ ଉଠି ପ୍ରଥମେ ବ୍ରଜକିଶୋର

Digitized by srujanika@gmail.com

ଲୋକମାନଙ୍କୁ ଶାନ୍ତ କରାଇଲେ । ସେ ଗାନ୍ଧିଜୀଙ୍କ ପ୍ରଦର୍ଶିତ ଅହିଂସା ମାର୍ଗ ଅନୁସରଣ କରି ଅସ୍ତ୍ରଶସ୍ତ୍ର ତଳେ ରଖିଦେବାକୁ ନିର୍ଦ୍ଦେଶ ଦେଲେ । ଏହା ଫଳରେ ଏକ ବଡ଼ ଧରଣର ଗଣ୍ଡଗୋଳକୁ ଏଡ଼ାଇ ଦିଆଯାଇଥିଲା ।

ଏହା ପରଦିନ ନରସିଂହପୁର ହାଟ ଟୋଟାରେ ଏକ ବିରାଟ ସଭାର ଆୟୋଜନ କରାଯାଇଥିଲା । ସବୁ ରାଜକର୍ମଚାରୀ ସେଠାରେ ଉପସ୍ଥିତ ଥିଲେ । ବ୍ରଜକିଶୋର ଅହିଂସା ଆନ୍ଦୋଳନର ଆଭିମୁଖ୍ୟ ସଂପର୍କରେ ଲୋକମାନଙ୍କୁ ବୁଝାଇଥିଲେ । ଶେଷରେ 'ମହାତ୍ମା ଗାନ୍ଧି କି ଜୟ', 'ପ୍ରଜାମଣ୍ଡଳ କି ଜୟ', 'ରାଜତନ୍ତ୍ର ଧ୍ୱଂସ ହେଉ' ପ୍ରଭୃତି ଧ୍ୱନି ସହ ସଭା ସରିଥିଲା । ଏଭଳି ବଡ଼ ଧରଣର ସଭା ପୂର୍ବରୁ ନରସିଂହ ପୁରରେ କେବେ ହୋଇନଥିଲା ।

ବଡ଼ମ୍ବା ପ୍ରଜାମଣ୍ଡଳ ଆନ୍ଦୋଳନକୁ ଉତ୍ସାହିତ କରୁଥିବାରୁ ସେଠିକାର ରାଜା ବ୍ରଜକିଶୋରଙ୍କ ନାମରେ ଏକ ଗିରଫ ପରୱାନା ଜାରି କରିଥିଲେ । ଅଭିଯୋଗ ଥିଲା, ତାଙ୍କ ଜଙ୍ଗଲରୁ କାଠ ଚୋରି । ବ୍ରଜକିଶୋର କୋର୍ଟକୁ ଯିବାବେଳେ ତାଙ୍କୁ ମାଡ଼ ଦେବା ପାଇଁ ମଧ ଯୋଜନା ହୋଇଥିଲା । କଟକର ଦୀନବନ୍ଧୁ ସାହୁ ଆଡଭୋକେଟ୍ ତାଙ୍କ ପକ୍ଷରୁ ଲଢ଼ିଥିଲେ । ଶେଷରେ ୧୫ ଦିନ ଜେଲ୍ ଓ ଶହେଟଙ୍କା ଜୋରିମାନା ହେଲା । ବ୍ରଜକିଶୋରଙ୍କ ଦଣ୍ଡାଦେଶ ଏଭଳି ସମୟରେ ମିଳିଲା, ଯେପରି ସେ ଜାମିନ୍ ନ ପାଇ ଜେଲ୍‌କୁ ଯିବେ । ତାଙ୍କୁ ଅଣ୍ଟାରେ ଦଉଡ଼ି ଓ ହାତରେ ହାତକଡ଼ି ପକାଇ ଜେଲ୍‌କୁ ନିଆଗଲା । ପରେ ସେ ରାୟପୁରଠାରେ ଅବସ୍ଥାପିତ ଜଜ୍‌କୋର୍ଟରେ ଅପିଲ୍ କରି ଖଲାସ୍ ହୋଇଥିଲେ । ଏଥିରେ ସାଧାରଣ ପ୍ରଜାମାନେ ବିଦ୍ରୋହ କରି ଉଠିଥିଲେ ।

Digitized by srujanika@gmail.com

ବାଙ୍କୀର ଆନୁଆରୀଠାରେ ୧୯୪୬ ମାର୍ଚ୍ଚ ୧୨ ତାରିଖରେ ବଡ଼ମ୍ବା, ନରସିଂହପୁର, ଢ଼େଙ୍କାନାଳ, ଆଠଗଡ଼ ଓ ତିଗିରିଆ ପ୍ରଜାମାନଙ୍କର ଏକ ବିରାଟ ସଭା ହୋଇଥିଲା । ବଡ଼ମ୍ବା ରାଜା ଢ଼େଙ୍ଗୁରା ଦ୍ୱାରା ଏ ସଭାରେ ଯୋଗ ନ ଦେବାକୁ ଲୋକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମହାନଦୀ ଘାଟ ପାରି ହୋଇ ଲୋକେ ଯେଉଁଳି ସଭାସ୍ଥଳକୁ ନ ଆସନ୍ତି,ସେଥିପାଇଁ ଡଙ୍ଗାଗୁଡ଼ିକୁ ଲୁଚାଇ ଦିଆଯାଇଥିଲା ।

ଏହିସବୁ ସଭାଗୁଡ଼ିକ ପରେ ସଂପୃକ୍ତ ରାଜ୍ୟରେ ପ୍ରଜାମଣ୍ଡଳ ଆନ୍ଦୋଳନ ତେଜି ଉଠିଲା ଓ ଶେଷରେ ରାଜାମାନେ କ୍ଷମତା ହସ୍ତାନ୍ତର କଲେ ।

Digitized by srujanika@gmail.com

ଆନ୍ଦୋଳନର ଅନ୍ତିମ ପର୍ଯ୍ୟାୟ

ପ୍ରଜାମଣ୍ଡଳ ନେତାମାନଙ୍କୁ ବ୍ୟାପକ ଗିରଫ ଦାରୀ ସହିତ ଲୋକଙ୍କ ଉପରେ ବ୍ୟାପକ ଅତ୍ୟାଚାର, ସମୂହ ଜୋରିମାନା, ମିଥ୍ୟା ମକଦ୍ଦମା ପ୍ରଭୃତି ଯୋଗୁଁ ପ୍ରଜାମଣ୍ଡଳ ଆନ୍ଦୋଳନ କିଛିକାଳ ଶିଥିଳ ହୋଇଯାଇଥିଲା । ଇତି ମଧ୍ୟରେ ନେତାମନେ ଖଲାସ ହେଲେ ଓ ସେମାନଙ୍କ ନାମରେ କରାଯାଇଥିବା ମକଦ୍ଦମାଗୁଡ଼ିକ ବିଚାରାଳୟରେ ମିଥ୍ୟା ବୋଲି ପ୍ରମାଣିତ ହେଲା । ବ୍ରଜ କିଶୋରଙ୍କ ବିରୁଦ୍ଧରେ ଗୁଳିଖଟିରୁ ଚୋରି କରିଥିବା ଅଭିଯୋଗ ହୋଇଥିଲା । ଏହା ଏକ ମିଛ ମକଦ୍ଦମା ଥିଲା ।

ଜେଲରୁ ଖଲାସ ହେବା ପରେ ବ୍ରଜକିଶୋର ଢ଼େଙ୍କାନାଳ ପ୍ରଜାମଣ୍ଡଳ ସଂଗଠନକୁ ଅଧିକ ଦୃଢ଼ ଓ ସକ୍ରିୟ କଲେ । ସେ ରହିଲେ ସଭାପତି । କୃତ୍ତିବାସ ପ୍ରଧାନ ସଂପାଦକ ଓ ମହମ୍ମଦ ଆୟୁବ କୋଷାଧ୍ୟକ୍ଷ ହେଲେ । ଏହା ସହିତ ସ୍ୱେଚ୍ଛାସେବକ ବାହିନୀ ମଧ୍ୟ ପୁନର୍ଗଠିତ ହେଲା । ୧୯୪୨-୪୩ ରେ ପ୍ରଜାମଣ୍ଡଳ ଦୃଢ଼ ହେଉଥିବାବେଳେ ରାଜାମାନେ ମଧ୍ୟ 'ଚାମ୍ବର ଅଫ ପ୍ରିନ୍ସେସ୍' ନାମକ ଏକ ସଂଗଠନ ଗଢ଼ିଲେ ।

ପ୍ରଜାମଣ୍ଡଳ ଆନ୍ଦୋଳନ ବ୍ୟାପକ ହେବା ଫଳରେ ରାଜାଙ୍କର ଶାସନ ଉପରେ କର୍ତ୍ତୃତ୍ୱ ହ୍ରାସ ପାଇବାକୁ ଲାଗିଲା । ରାଜ୍ୟରେ କ୍ରମାଗତ ଅରାଜକତା ଲାଗି ରହିବା ଯୋଗୁଁ ଇଂରେଜ ସରକର ଏସ୍.କେ. ଶ୍ରୀବାସ୍ତବଙ୍କୁ ମୁଖ୍ୟମନ୍ତ୍ରୀ, ଟି. ସତ୍ୟନାରାୟଣଙ୍କୁ ସାଧାରଣ ମନ୍ତ୍ରୀ, ଗୋପାଳ ଦାସଙ୍କୁ ସ୍ୱତନ୍ତ୍ର ଅଫିସର ଓ ଓ.କେ. ଚାଟାର୍ଜିଙ୍କୁ ପୋଲିସ୍

Digitized by srujanika@gmail.com

ଏସ.ପି. ଭାବେ ନିଯୁକ୍ତ କଲେ । ସେମାନେ ରାଜାଙ୍କ ଠାରୁ ଶାସନ ଦାୟିତ୍ୱ ନେବା ପାଇଁ ଢେଙ୍କାନାଳରେ ଆସି ପହଞ୍ଚିଲେ । ରାଜା ଓ ରାଜକର୍ମଚାରୀମାନଙ୍କ ବ୍ୟାପକ ଦୁର୍ନୀତି ଓ ଅନ୍ୟାୟ ଅତ୍ୟାଚାର ସଂପର୍କରେ ଅନୁସନ୍ଧାନ କରି ସେମାନେ କେତେକଙ୍କୁ ଜେଲ୍ ପଠାଇଲେ । ଏଥିରେ ପ୍ରଜାମାନେ ସାମାନ୍ୟ ଆଶ୍ୱସ୍ତ ହେଲେ ।

ପରେ ରାଜା କୌଣସିମତେ ପ୍ରଭାବ ବିସ୍ତାର କରି ଶ୍ରୀବାସ୍ତବ ଓ ସତ୍ୟନାରାୟଣଙ୍କୁ ବିଦାୟ କରିଦେଲେ । ସେ ପୁଣି ରାଜ ସିଂହାସନ ଅଧିକାର କରି ଭବଦେବ ସରକାରଙ୍କୁ ଦେୱାନ ନିଯୁକ୍ତ କଲେ ।

ପ୍ରଜାମଣ୍ଡଳ ମଜବୁତ ହେଉଥିବା ଓ ଅଧିକ ଲୋକଙ୍କ ସମର୍ଥନ ଲାଭ କରୁଥିବା ଜାଣି ଶାସନ ଦାୟିତ୍ୱ ପ୍ରଜାମଣ୍ଡଳକୁ ହସ୍ତାନ୍ତର କରିଦେବାକୁ ଦେୱାନ ଚାହିଁଲେ । ରାଜା ମଧ ମୌଖିକ ଭାବେ ଏହା ସ୍ୱୀକାର କରି ସମୟ ଗଡ଼ାଇ ଚାଲିଲେ । ପ୍ରଜାମଣ୍ଡଳର ଘନ ଘନ ବଡ଼ ବଡ଼ ସଭା ସାଙ୍ଗକୁ ବ୍ରଜବାବୁଙ୍କ ସ୍ୱେଚ୍ଛାସେବକ ବାହିନୀ ଢେଙ୍କାନାଳର ମୁଖ୍ୟ ରାସ୍ତାରେ ରାଜାଙ୍କ ବିରୁଦ୍ଧରେ ଧ୍ୱନି ଦେଇ ଶୋଭାଯାତ୍ରା କରୁଥାନ୍ତି । ଶାସନ ଗାଦି ଛାଡ଼ିବା ପାଇଁ ରାଜାଙ୍କୁ ଆହ୍ୱାନ ଦେଉଥାନ୍ତି । ସୈନ୍ୟବାହିନୀ ପରୋକ୍ଷରେ ପ୍ରଜାମଣ୍ଡଳକୁ ସମର୍ଥନ କରିବାକୁ ଆରମ୍ଭ କଲେ । ଏଣୁ ଶେଷରେ ରାଜା ନିରୁପାୟ ହୋଇ ଅସୁସ୍ଥତା ଆଳରେ ଚିକିତ୍ସା ପାଇଁ କଲିକତା ଚାଲିଗଲେ । ସେଠାରୁ ସେ ୱାର୍ଦ୍ଧା ଯାଇ ଗାନ୍ଧିଜୀଙ୍କୁ ସାକ୍ଷାତ କଲେ । ଗାନ୍ଧିଜୀ ପଟେଲଙ୍କ ସହ ପରାମର୍ଶ କରିବାକୁ ତାଙ୍କୁ କହିଲେ ।

Digitized by srujanika@gmail.com

ଗାନ୍ଧିଜୀ ଓଡ଼ିଶା ଆସିଥିବା ଅବସରରେ ରାଜାଙ୍କ ଅତ୍ୟାଚାର ସଂପର୍କରେ ପ୍ରଜାମଣ୍ଡଳ ନେତାମାନଙ୍କ ଠାରୁ ଜାଣିଥିଲେ । ଏଣୁ ସେ ରାଜାଙ୍କୁ ସର୍ଦ୍ଦାର ପଟେଲଙ୍କ ସହ ସାକ୍ଷାତ କରିବା ପାଇଁ ପରାମର୍ଶ ଦେଲେ । ସର୍ଦ୍ଦାର ପଟେଲ ପ୍ରଜାମଣ୍ଡଳ ଉପରେ ତାଙ୍କର କୌଣସି ନିୟନ୍ତ୍ରଣ ନଥିବା ଦର୍ଶାଇ ରାଜା ସରକାରଙ୍କୁ ଦାୟିତ୍ୱ ହସ୍ତାନ୍ତର ନ କରିବା ପର୍ଯ୍ୟନ୍ତ ସେ କିଛି କରି ପାରିବେ ନାହିଁ ବୋଲି ସ୍ପଷ୍ଟ ଜଣାଇଦେଇଥିଲେ । ଶେଷରେ ରାଜା ଭାରତ ସରକାରଙ୍କୁ କ୍ଷମତା ହସ୍ତାନ୍ତର କରିବାକୁ ସମ୍ମତ ହେଲେ । ଫଳରେ ପ୍ରଜାମଣ୍ଡଳ ଆନ୍ଦୋଳନ ସ୍ଥଗିତ ରଖିବାକୁ ପଟେଲ ବ୍ରଜକିଶୋରଙ୍କ ନିକଟକୁ ଏକ ଟେଲିଗ୍ରାମ ପଠାଇଲେ ।

ଏହି ଟେଲିଗ୍ରାମ ପହଞ୍ଚିବାର ଗୋଟିଏ ଦିନ ଡ଼େରି ହୋଇଥିଲେ, ପ୍ରଜାମଣ୍ଡଳ କ୍ଷମତା ଦଖଲ କରିଯାଇଥାନ୍ତେ । ଯୋଜନା ଅନୁଯାୟୀ ରାଜା ଢ଼େଙ୍କାନାଳରେ ପହଞ୍ଚିବା ମାତ୍ରେ ତାଙ୍କୁ ଗିରଫ କରି ଜେଲ୍‌କୁ ପଠାଯାଇଥାନ୍ତା । ପରେ ସ୍ୱେଚ୍ଛାସେବକ ବାହିନୀ ଓ ଓଡ଼ିଶା ପୋଲିସ୍ ସାହାଯ୍ୟରେ ଅନ୍ୟ ଗଡ଼ଜାତର ରାଜାମାନଙ୍କୁ ଗିରଫ କରାଯାଇଥାଆନ୍ତା । ମାତ୍ର ଭାଗ୍ୟର ବିଡ଼ମ୍ବନା । ରାଜା ରକ୍ଷା ପାଇଗଲେ । ଶେଷରେ ସର୍ଦ୍ଦାର ପଟେଲ ଓ ତାଙ୍କ ସଚିବ ମେନନ ଓଡ଼ିଶାରେ ପହଞ୍ଚିଲେ । ଡଃ. ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଆଲୋଚନା ଚାଲି ୧୯୪୭ ଡିସେମ୍ବର ୧୨ ତାରିଖରେ କଟକଠାରେ କ୍ଷମତା ହସ୍ତାନ୍ତର ହେଲା ଓ ଅତ୍ୟାଚାରୀ ଶାସନର ଶେଷ ହେଲା ।

Digitized by srujanika@gmail.com

ଆଜୀବନ ସଂଗ୍ରାମୀ ବ୍ରଜ କିଶୋର

ରାଜା ରାଜୁଡ଼ା ଶାସନ ବିରୁଦ୍ଧରେ ବ୍ରଜକିଶୋର ସଂଗ୍ରାମ ଚଳାଇ ବିଜୟ ଲାଭ କଲେ । କିନ୍ତୁ ଏତିକିରେ ତାଙ୍କର କାମ ସରି ନଥିଲା । ଜଣେ ପ୍ରକୃତ ଦେଶସେବକ ଭାବରେ ସ୍ୱାଧୀନ ଭାରତରେ ଜନମଙ୍ଗଳ କାର୍ଯ୍ୟରେ ସେ ନିଜକୁ ସଂପୂର୍ଣ୍ଣଭାବେ ନିୟୋଜିତ କରିଥିଲେ ।

ଲୋକ ପ୍ରତିନିଧି ଶାସନରେ ଗଡ଼ଜାତ ଅଞ୍ଚଳଗୁଡ଼ିକର ପ୍ରତିନିଧିଙ୍କୁ ନେଇ ଷ୍ଟେଟ କାଉନସିଲ ଗଠନ କରାଗଲା । ଢ଼େଙ୍କାନାଳରୁ ବ୍ରଜକିଶୋର ଧଳ ଓ ମହେଶ୍ୱର ସୁବାହୁ ସିଂହ କାଉନସିଲର୍ ନିର୍ବାଚିତ ହେଲେ ।

ଜିଲ୍ଲା ପରିଷଦ ସଭାପତି

୧୯୬୧ ମସିହାରେ ପ୍ରଥମେ ଓଡ଼ିଶାରେ ଜିଲ୍ଲା ପରିଷଦ ପ୍ରଚଳନ ହେଲା । ବ୍ରଜ କିଶୋର ଢ଼େଙ୍କାନାଳ ଜିଲ୍ଲା ପରିଷଦର ପ୍ରଥମ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ । ତାଙ୍କ ସ୍ତ୍ରୀ ଇନ୍ଦୁମତୀ ଧଳ ମଧ୍ୟ ଜିଲ୍ଲା ପରିଷଦର ସଦସ୍ୟା ଭାବେ ନିର୍ବାଚିତା ହୋଇଥିଲେ । ସେ ୧୯୬୧ ଠାରୁ ୧୯୬୩ ପର୍ଯ୍ୟନ୍ତ ପୂରା ସମୟ ଜିଲ୍ଲା ପରିଷଦର ସଭାପତି ରହିଥିଲେ ।

ସମୟର ଚକ ଗଡ଼ିଲା । ଯେଉଁ ରାଜାଙ୍କ ଅଧୀନରେ ବ୍ରଜକିଶୋର ଚାକିରି କରିଥିଲେ, ଯାହାଙ୍କ ଅତ୍ୟାଚାରର ଶିକାର ହୋଇ ତାଙ୍କ ଘର ବାଡ଼ି, ଧନ ସଂପତ୍ତି ନଷ୍ଟ ହୋଇଥିଲା, ସେ ଜେଲ୍ ଭୋଗିଥିଲେ, ସେହି ରାଜା ଓ ରାଣୀ ଜିଲ୍ଲା ପରିଷଦର ସଭ୍ୟ ରହିଥିଲେ । ଯେଉଁ ପ୍ରଶାସନିକ

Digitized by srujanika@gmail.com

ଅଧିକାରୀମାନେ ତାଙ୍କୁ ଦଣ୍ଡ ଦେଉଥିଲେ, ସେମାନେ ତାଙ୍କ ନିର୍ଦ୍ଦେଶରେ କାମ କଲେ ।

ଢେଙ୍କାନାଳ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଜିଲ୍ଲା ପରିଷଦର ସଭାପତି ଭାବରେ ସେ ଅନେକ କାମ କରିଥିଲେ । କୃଷି, ଶିଳ୍ପ, ରାସ୍ତାଘାଟ, ଶିକ୍ଷା ଓ ସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି ପ୍ରତି ସେ ବିଶେଷ ଧ୍ୟାନ ଦେଉଥିଲେ । ନିଜ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ନିଜ ବାପାଙ୍କ ନାମରେ ଭୋଳେଶ୍ୱର ଧଳ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ । ଏବେ ତାହା କଲେଜରେ ପରିଣତ ହୋଇଛି ।

ସମବାୟ ଆନ୍ଦୋଳନ ପଥ ପ୍ରଦର୍ଶକ

ବିପ୍ଳବୀ ବ୍ରଜକିଶୋର ଜୀବନରେ କେବଳ ରାଜନୀତି କରିନାହାନ୍ତି, ସେ ବହୁ ସାଂସ୍କୃତିକ ଅନୁଷ୍ଠାନ ଗଠନ କରି ସମାଜର ସେବା କରିଛନ୍ତି । ସମବାୟ ଆନ୍ଦୋଳନ ସଂପର୍କରେ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାରେ ସେ ଅଗ୍ରଣୀ ଥିଲେ ।

ସରାକ ପାଟଣା ତନ୍ତୁବାୟ ସମବାୟ ସମିତି ପ୍ରତିଷ୍ଠା କରି ସେ ଏହାର ସଭାପତି ଭାବେ ୧୯୫୮ ରୁ ୧୯୭୦ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଗରିବ ବୁଣାକାରମାନଙ୍କ ଉନ୍ନତି ପାଇଁ ସେ ବଡ଼ମ୍ବା ଓ ମାଣିଆବନ୍ଧରୁ ଅଭିଜ୍ଞ ବୁଣାକାରମାନଙ୍କୁ ଆଣି ଏହି ସମବାୟ ସମିତିର ସଦସ୍ୟମାନଙ୍କୁ ତାଲିମ୍ ଦେଉଥିଲେ । ଢେଙ୍କାନାଳ ଗୃହ ନିର୍ମାଣ ସମବାୟ ସମିତି ଓ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସେ ସଭାପତି ଥିଲେ । ଢେଙ୍କାନାଳ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସେ ୩ ବର୍ଷ କାଳ

Digitized by srujanika@gmail.com

ସଭାପତି ଥିଲେ ଓ ବ୍ୟବସାୟର ଅଭିବୃଦ୍ଧି ଘଟାଇଥିଲେ । ଗରିବ ଚାଷୀମାନଙ୍କ ଉପକାର ପାଇଁ ସେ ଚନ୍ଦ୍ରଶେଖର ପ୍ରସାଦ ଠାରେ ଗ୍ରେନ୍‌ଗୋଲା ପ୍ରତିଷ୍ଠା କରିଥିଲେ । ଅନୁଗୁଳ କେନ୍ଦ୍ର ସମବାୟ ବ୍ୟାଙ୍କର ୩ ଥର ସଭାପତି ନିର୍ବାଚିତ ହୋଇଥିଲେ । 'ଛ ଦେଶ' ସମବାୟ ଭଣ୍ଡାର ତାଙ୍କରି ଉଦ୍ୟମରେ ଆରମ୍ଭ ହୋଇଥିଲା । ସେଠାରେ ୧୯୭୭ ରେ ଗୋଟିଏ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଗଠନ କରି ସେ ଏହାର ସଭାପତି ହୋଇଥିଲେ । ସମବାୟ ଆନ୍ଦୋଳନର ଜଣେ ଅଗ୍ରଣୀ ନେତା ଭାବରେ ସେ ବହୁବାର ସମ୍ମାନିତ ହୋଇଛନ୍ତି ।

ଘଟଣା ବହୁଳ ଜୀବନ

ବ୍ରଜ କିଶୋର ବହୁ ଅନୁଷ୍ଠାନ ସହ ସଂଶ୍ଳିଷ୍ଟ ଥିଲେ । ୧୯୫୦ ରୁ ୧୯୫୬ ପର୍ଯ୍ୟନ୍ତ ସେ ଢେଙ୍କାନାଳ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସଂପାଦକ ଓ ପ୍ରଦେଶ କଂଗ୍ରେସର ସଦସ୍ୟ, ଢେଙ୍କାନାଳ ଜିଲ୍ଲା ଭାରତ ସେବକ ସମାଜର ଆବାହକ, କୃଷି ମହାବିଦ୍ୟାଳୟ ପରିଚଳନା ବୋର୍ଡ଼ର ସଭ୍ୟ, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘର ଉପସଭାପତି ଏବଂ କୃଷକ ସମାଜର ଆଜୀବନ ସଭ୍ୟ ଭାବରେ ସେ ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଥିଲେ । ଏବେ ମଧ୍ୟ ବହୁ ଅନୁଷ୍ଠାନ ସହ ସେ ସଂପୃକ୍ତ ଅଛନ୍ତି ।

ତାଙ୍କର ଅମର କୃତି ଆତ୍ମଜୀବନୀ ''ଭୁଲିବୁ ନାହିଁ'' ରେ ସେ ଗଡ଼ଜାତ ଅଞ୍ଚଳରେ ପ୍ରଜାମାନଙ୍କ ଉପରେ ଅତ୍ୟାଚାର, ବିଶେଷତଃ

Digitized by srujanika@gmail.com

ଢେଙ୍କାନାଳରେ ଅଙ୍ଗେ ଲିଭାଇଥିବା ବହୁ ଅନୁଭୂତି ଲିପିବଦ୍ଧ କରିଛନ୍ତି । ୧୯୮୩ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏଥିପାଇଁ ତାଙ୍କୁ ତାମ୍ରଫଳକ ଓ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିଛନ୍ତି ।

ବିପ୍ଳବୀ ବ୍ରଜକିଶୋର ଏବେ ୮୬ ବର୍ଷ ଅତିକ୍ରମ କଲେଣି । ଜଣେ ଗାନ୍ଧିବାଦୀ ନେତା ରୂପେ ଏବେ ମଧ୍ୟ ସେ ଲୋକଙ୍କ ଦ୍ୱାରା ସମ୍ମାନିତ । ତାଙ୍କର ଜୀବନ ଆଗାମୀ ବଂଶଧରଙ୍କ ଲାଗି ପ୍ରେରଣାର ଉତ୍ସ ହୋଇ ରହିବ - ଏଥିରେ ସନ୍ଦେହ ନାହିଁ ।

***

Digitized by srujanika@gmail.com

Digitized by srujanika@gmail.com